Odia Daily

www.theutkalsamachar.com

ଉତ୍କଳ ସମାଚାର

ଟ୍ୱେଣ୍ଟିଏଥ୍ ସେଞ୍ଚୁରିର ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

✦Vol - 19✦ Issue No:319✦24 March 2024 (Sunday) ✦ Rourkela ✦ Rs.2.00 ✦ Page -1 ✦୧୯ ବର୍ଷ ✦ସଂଖ୍ୟା :୩୧୯✦୨୪ ମାର୍ଚ୍ଚ ୨୦୨୪ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ରୁଷରେ ଆତଙ୍କବାଦୀ ଆକ୍ରମଣ :

୯୦ରୁ ଅଧିକ ମୃତ, ସମସ୍ତ ୪ ବନ୍ଧୁକଧାରୀଙ୍କ ସମେତ ୧୧ଗିରଫ

ମସ୍କୋ, ୨୩/୩: ମସ୍କୋର ଏକ କନସର୍ଟ ହଲରେ ଅଜ୍ଞାତ ବନ୍ଧୁକଧାରୀମାନେ ସାଧାରଣ ଲୋକଙ୍କ ଉପରକୁ ଗୁଳି ଚଳାଇବାରୁ ଅତି କମରେ ୯୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୪୫ ଜଣ ଆହତ ହୋଇଛନ୍ତି ବୋଲି ରୁଷିଆ କର୍ତ୍ତୃପକ୍ଷ କହିଛନ୍ତି । ରୁଷିଆର ତ୍ୱାୟର ?ଟ୍ଟ ଅଂ'ରରେ ଏକ ଜା ?ର ପିଛା କରିବା ପରେ ପୁଲିସ ଏହି ଘଟଣାରେ ସଂପୃକ୍ତ ୧୧ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି । ରାଷ୍ଟ୍ରମିକ ଷ୍ଟେଟ୍ ? ସଙ୍ଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି କହିଛି ଯେ ମସ୍କୋ ଉପଶହରେ ଏକ ବିଶାଳ ସମାବେଶ ଉପରେ ଏହାର ଲଢୁଆମାନେ ଆକ୍ରମଣ କରିଥିଲେ ଏବଂ ସୁରକ୍ଷିତ ଭାବେ ନିଜ ଗାଡିକୁ ଫେରି ଆସିଥିଲେ । କ୍ୟାମୋଫ୍ଲାଜ୍ ୟୁନିଫର୍ମ ପିନ୍ଧିଥିବା ଆକ୍ରମଣକାରୀମାନେ ଛୋଟା ଭିତରକୁ ପଶି ଗୁଳି ଚଳାଇବା ସହ ଗ୍ରେନେଡ୍ କିମ୍ବା ବୋମା ଫିଙ୍ଗିଥିଲେ । ଭିଡିଓରେ ହଲରୁ ନିଆଁ ଓ କଳା ଧୂଆଁ ବାହାରୁଥିବାର ଚିତ୍ର ଦେଖିବାକୁ ମିଳିଛି । ଗତି ହେଲିକପ୍ଟର ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରଖିଥିଲା । ହଜାର ହଜାର ଲୋକ ବସି ପାରୁଥିବା ଏହି ବିଶାଳ କନସର୍ଟ ହଲ୍‌ରେ ଅନ୍ତର୍ଜାତୀୟ କଳାକାରମାନଙ୍କୁ ନେଇ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଅପଘଟଣ ଘଟିଥିଲା । ଆତଙ୍କବାଦୀଙ୍କ ଗୁଳିମାଡ଼ରୁ ବଞ୍ଚିବା ପାଇଁ ବହୁ ଲୋକ ହଲ୍‌ର ସିଟ୍ ପଛରେ ଲୁଚି ରହିଥିଲେ କିମ୍ବା ବେସମେଣ୍ଟ କିମ୍ବା ଛାଡର ପ୍ରବେଶ ଦ୍ୱାର ଆଡ଼କୁ ଦୌଡ଼ି ଆସିଥିଲେ । ରୁଷିଆ କରୁଣାକାଳୀନ ମନ୍ତ୍ରାଳୟ କହିଛି ଯେ ନିଆଁକୁ ଆୟତ୍ତ କରାଯାଇଛି । ୟୁରୋପୀୟ ସଂଘ, ଫ୍ରାନ୍ସ, ସ୍ପେନ୍ ଓ ଇଟାଲୀ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ଆମେରିକା ଏହି ଆକ୍ରମଣକୁ ଭୟାନକ ବୋଲି କହିବା ସହ ୟୁକ୍ରେନରେ ସଂଘର୍ଷ ସହ ଏହି ଘଟଣାର କୌଣସି ସଂଜ୍ଞେତ ମିଳି ନଥିବା କହିଛି । ୟୁକ୍ରେନର ରାଷ୍ଟ୍ରପତି କହିଛନ୍ତି ଯେ ଏହି ଆକ୍ରମଣ ସହିତ କିଭ୍‌ର କୌଣସି ସମ୍ପର୍କ ନାହିଁ, କିନ୍ତୁ ଏହାର ସାମରିକ ଗୁପ୍ତଚର ବିଭାଗ ଏହି ଘଟଣାକୁ ରୁଷିଆର ଉଚ୍ଚେଜନା ବୋଲି କହିଛି ଏବଂ ଏହା ପଛରେ ମସ୍କୋର ସ୍ୱତନ୍ତ୍ର ସେବାର ହାତ ଥିବା ଅଭିଯୋଗ କରିଛି । ଆକ୍ରମଣର ଦୁଇ ସପ୍ତାହ ପୂର୍ବରୁ ଆମେରିକା ଦୂତାବାସ କହିଥିଲା ଯେ ମସ୍କୋରେ ସମାବେଶ ସମେତ ଜନସମାଗମକୁ ଉଗ୍ରବାଦୀମାନେ ଟାର୍ଗେଟ କରିବାର ଆଶଙ୍କା ରହିଛି । ଡ୍ରେମଲିନ୍ ? ମୁଖପାତ୍ର ଡିମିତ୍ରୀ ପେସ୍କୋଭ୍ କହିଛନ୍ତି ଯେ ମସ୍କୋ ନିକଟସ୍ଥ ଡ୍ରୋକସ୍ ସିଟି ହଲ୍ ଜନସର୍ଟରେ ହୋଇଥିବା ଗୁଳିକାଣ୍ଡ ସମ୍ପର୍କରେ ରୁଷ୍ ? ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ନିୟମିତ ଅପଡେଟ୍ ଦିଆଯାଉଛି । ରାଷ୍ଟ୍ରପତି ପୁତିନ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ରୁଷର ଉପପ୍ରଧାନମନ୍ତ୍ରୀ ତାତ୍ୟାନା ଗୋଲିକୋଭା କହିଛନ୍ତି ଯେ ରାଷ୍ଟ୍ରପତି ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଡାକ୍ତରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ମସ୍କୋରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । 'ମସ୍କୋରେ ହୋଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣକୁ ଆମେ ଦୃଢ଼ ନିନ୍ଦା କରୁଛୁ । ଆମର ସମବେଦନା ଏବଂ ପ୍ରାର୍ଥନା ପୀଡିତଙ୍କ ପରିବାର ସହିତ ରହିଛି । ଦୁଃଖର ଏହି ମୁହূର୍ତ୍ତରେ ଭାରତ ସରକାର ଏବଂ ରୁଷୀୟ ସଂଘର ଜନସାଧାରଣଙ୍କ ସହ ଏକଜୁଟ ହୋଇ ଛିଡ଼ା ହୋଇଛି' ।

ଟିଏମସି ନେତା ମହୁଆ ମୈତ୍ରଙ୍କ ଘରେ ସିବିଆଇ ଚଢାଉ

ନୂଆଦିଲ୍ଲୀ, ୨୩/୩: ତୃଣମୂଳ କଂଗ୍ରେସ ତଥା ପୂର୍ବତନ ସାଂସଦ ମହୁଆ ମୈତ୍ରଙ୍କ ଘରେ ସିବିଆଇ ଚଢାଉ ହୋଇଛି । ଲୋକପାଳଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନେଇଛି ସିବିଆଇ । ଟଙ୍କା ପାଇଁ ପ୍ରଶ୍ନ ମାମଲାରେ ଗୁରୁବାର ମହୁଆଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି ସିବିଆଇ । ଏହି ମାମଲାରେ ମହୁଆଙ୍କ ବିରୋଧରେ ଆସିଥିବା ଅଭିଯୋଗର ଯାଚଂ କରିବା ସହ ୬ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ଲୋକପାଳ । ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ତଦନ୍ତକାରୀ ସଂସ୍ଥା ଚଢାଉ କରିଛି । ଲୋକପାଳଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନେଇଛି ସିବିଆଇ । ଟଙ୍କା ପାଇଁ ପ୍ରଶ୍ନ ମାମଲାରେ ଗୁରୁବାର ମହୁଆଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି ସିବିଆଇ । ଏହି ମାମଲାରେ ମହୁଆଙ୍କ ବିରୋଧରେ ଆସିଥିବା ଅଭିଯୋଗର ଯାଚଂ କରିବା ସହ ୬ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ଲୋକପାଳ ।

ପୁଣି ଦିଲ୍ଲୀ ଗସ୍ତରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ

ଭୁବନେଶ୍ୱର, ୨୩/୩ (ନି/ପ୍ର): ବିଜେପି-ବିଜେଡି ମେଂଗ୍ରୁ ନେଇ ଚାଲିଥିବା ଚର୍ଚ୍ଚାରେ ବିରାମ ଲାଗିବା ପରେ ଓଡ଼ିଶା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ସଂଗଠନ ସମ୍ପାଦକ ମାନସ ମହାନ୍ତି ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଏଣେ ଆଜି ଦିଲ୍ଲୀରେ ବିଜେପିର ନିର୍ବାଚନ କମିଟି ବୈଠକ ବସୁଛି ।ଏହି ବୈଠକରେ ଆଲୋଚନା ପରେ ଓଡ଼ିଶାର ପ୍ରାର୍ଥୀ ତାଲିକା ଆସିବା ନେଇ ସମ୍ଭାବନା ରହିଛି । ଆଜି ଓଡ଼ିଶାର କିଛି ଲୋକସଭା ପ୍ରାର୍ଥୀଙ୍କ ନାଁ ଆଜି ବୁଡ଼ାନ୍ତ ହୋଇପାରେ । ଓଡ଼ିଶା ସମେତ ୯ରୁ ଅଧିକ ରାଜ୍ୟର ପ୍ରାର୍ଥୀଙ୍କ ଉପରେ ଆଲୋଚନା ହେବା ସମ୍ଭାବନା ରହିଛି । ପଷ୍ଠାବ, ମହାରାଷ୍ଟ୍ର, ହରିଆନା ପ୍ରାର୍ଥୀଙ୍କ ନାଁ ଆସିପାରେ । ସେହିପରି ଉତ୍ତରପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ବିହାରର ପ୍ରାର୍ଥୀଙ୍କ ନାଁ ଉପରେ ମୋହର ବାଜିବା ସମ୍ଭାବନା ରହିଛି । ଆଜି ବସୁଥିବା ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ପ୍ରମୁଖ ସାମିଲ ହେବେ । ମେଂଗ୍ରୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ପରେ ଓଡ଼ିଶା ପାଇଁ ବିଜେପି ପ୍ରାର୍ଥୀଙ୍କ ନାଁ ଆସିବ ବୋଲି କୁହାଯାଇଛି ।

ରାଜଧାନୀରେ ମାତିଲେଣି ଯୁବତୀ ବ୍ରାଉନସୁଗାର ବେପାରୀ, ୨ ଗିରଫ

ଭୁବନେଶ୍ୱର, ୨୩/୩ (ନି/ପ୍ର): ରାଜଧାନୀରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି ଯାହା ପୋଲିସ ପାଇଁ ସୂକ୍ଷ୍ମ ବ୍ୟଥାର କାରଣ ପାଲଟିଛି । ଏଥିମଧ୍ୟରେ ୨ ଯୁବତୀ ବ୍ରାଉନସୁଗାର କାରବାର କରୁଥିବା ଘଟଣା ସାମ୍ନାକୁ ଆସିଛି । ଭୁବନେଶ୍ୱର ଖଣ୍ଡଗିରି ଥାନା ଯତ୍ନପୁର ଅଂଚଳରେ ଘର ଭଡ଼ା ନେଇ ଦୁଇ ଯୁବତୀ ଚଲାଉଥିଲେ ନିଶା କାରବାର । ସେମାନେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ । ସେମାନେ ଜାଜପୁର ଓ ବାଲେଶ୍ୱର ଅଂଚଳର ବୋଲି ଜଣାପଡ଼ିଛି । ୨ ଯୁବତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିଶନରେଟ ପୋଲିସ । ସେମାନଙ୍କ ଠାରୁ ଲାପଟପ୍ ଓ ମୋବାଇଲ ଜବତ କରିଛି ପୋଲିସ ।

ପୁଣି ବଢ଼ିଲା ପିଆଜ ରପ୍ତାନି କଟକଣା

ନିର୍ବାଚନରେ ଦରଦାମ ନିୟନ୍ତ୍ରଣ ପାଇଁ ସରକାରଙ୍କ ପଦକ୍ଷେପ

ନୂଆଦିଲ୍ଲୀ, ୨୩/୩: ଲୋକସଭା ନିର୍ବାଚନ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇ କେନ୍ଦ୍ର ସରକାର ଶନିବାର ପିଆଜ ରପ୍ତାନି ଉପରେ ଲାଗିରହିଥିବା କଟକଣାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢାଇ ଦେଇଛନ୍ତି । ପୂର୍ବରୁ ପିଆଜ ରପ୍ତାନି ଉପରେ ଲାଗିଥିବା କଟକଣାର ଶେଷ ତାରିଖ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିଲା । ଏବେ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରାଯାଇଛି । କିନ୍ତୁ ସରକାରଙ୍କ ଏହି ନିଷ୍ପତ୍ତିକୁ ଦେଶରେ ହେବାକୁ ଥିବା ଲୋକସଭା ନିର୍ବାଚନ ସହ ଯୋଡ଼ାଯାଇଛି । ସାଧାରଣ ନିର୍ବାଚନ ସମୟରେ ପିଆଜ ଦର ବଢ଼ିବ ବୋଲି କେନ୍ଦ୍ର ସରକାର ଚାହୁଁନାହାନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁଁ କେତେକ ବିଦେଶୀ ବଜାରରେ ପିଆଜ ଦର ଆକାଶଛୁଆଁ ହୋଇପାରେ । ଭାରତ ହେଉଛି ପିଆଜର ସବୁଠାରୁ ବଡ଼ ରପ୍ତାନିକାରୀ ଦେଶ । ଦେଶରେ ପିଆଜ ଦର ବୃଦ୍ଧିକୁ ବୃଦ୍ଧିରେ ରଖି କେନ୍ଦ୍ର ସରକାର ୨୦୨୩ ଡିସେମ୍ବରରେ ଏହାର ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଥିଲେ । ଏହି ନିଷେଧାଦେଶ

ଆବଶ୍ୟକ

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ 'ଉତ୍କଳ ସମାଚାର' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com

୨୦ଟି ବିଦ୍ୟାଳୟର ମାନ୍ୟତା ବାତିଲ କଲା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ

ଭୁବନେଶ୍ୱର, ୨୩/୩:: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ, ସିବିଏସଇ ଅନିୟମିତତା ପାଇଁ ୨୦ଟି ବିଦ୍ୟାଳୟର ମାନ୍ୟତା ବାତିଲ କରିଛି । ଏଥିରେ ଦିଲ୍ଲୀର ୫ଟି ସ୍କୁଲ ରହିଛି । ସିବିଏସଇର ବିଜ୍ଞପ୍ତିରେ କୁହାଯାଇଛି ଯେ ବୋର୍ଡର ଅଚାନକ ଯାଂଚ ସମୟରେ ପରୀକ୍ଷା ନିୟମକୁ ଅଣଦେଖା କରାଯାଇଥିଲା ଏବଂ ଅନେକ ଅସଙ୍ଗତି ଦେଖିବାକୁ ମିଳିଥିଲା । ସିବିଏସଇ ଆହୁରି ମଧ୍ୟ କହିଛି ଯେ ଏହି ବିଦ୍ୟାଳୟଗୁଡ଼ିକ ନକଲି ଛାତ୍ର ଏବଂ ଅଯୋଗ୍ୟ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାରେ ଅନ୍ତର୍ଭୁକ୍ତ କରିବା ଏବଂ ରେକର୍ଡ଼ଠିକ୍ ଭାବରେ ରକ୍ଷଣାବେକ୍ଷଣ କରୁନଥିବା ଭଳି ବିଭିନ୍ନ ତ୍ରୁଟିଗୁଡ଼ିକ ଲିପ୍ତ ଅଛନ୍ତି ।

କେଜରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବହିଷ୍କାର କରିପାରିବେ କେନ୍ଦ୍ର ସରକାର

ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ସୁପାରିସ କରିପାରିବେ ଉପରାଜ୍ୟପାଳ

ନୂଆଦିଲ୍ଲୀ, ୨୩/୩: ଅବକାରୀ ନୀତି ଅନିୟମିତତା ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ନିଜ ପଦରୁ ଇସ୍ତଫା ଦେବାକୁ ମନା କରିଛନ୍ତି । ଅନ୍ୟପଟେ ଜେଲ୍ ?ରେ ରହି ନିଜ କାର୍ଯ୍ୟାଳୟ ଚଳାଇବାକୁ କେଜରିୱାଲ ନିଷ୍ପତ୍ତି ନେଇଛନ୍ତି । ନ୍ୟାୟିକ ଦୃଷ୍ଟିକୋଣରୁ କେଜରିୱାଲ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିପାରିବେ ଓ ଜେଲ୍‌ରେ ଥାଇ ନିଜର ମୁଖ୍ୟମନ୍ତ୍ରୀ କାର୍ଯ୍ୟ ତୁଲାଇବା ଲାଗି ଆଇନଗତ ସ୍ୱୀକୃତି ରହିଛି । ମାତ୍ର ଜେଲ୍‌ରେ ଥାଇ ମୁଖ୍ୟମନ୍ତ୍ରୀ ଭାବେ ସରକାରୀ ଦାୟିତ୍ୱ ନିର୍ବାହ କରିବା ବାସ୍ତବରେ ଆହ୍ୱାନପୂର୍ଣ୍ଣ । କାରଣ ଜେଲ୍ ପରିସରରେ କଡା ନିୟମାନୁନ ଅନୁସରଣ କରାଯାଇଥାଏ । ଜଣେ ବିଚାରାଧୀନ ବନ୍ଦୀଙ୍କୁ ସାକ୍ଷାତ କରିବା କ୍ଷେତ୍ରରେ ପ୍ରତିବନ୍ଧକ ରହିଛି । ଅନ୍ୟପଟେ କେଜରିୱାଲ ଗିରଫ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନଥିବାରୁ ଏ କ୍ଷେତ୍ରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନ୍ୟାୟିକ ଚର୍ଚ୍ଚା ଆରମ୍ଭ କରିଛି । ଆଇନ ବୃଷ୍ଟିରୁ କେନ୍ଦ୍ର ସରକାର କେଜରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ନିଲମ୍ବନ କିମ୍ବା ବହିଷ୍କାର କରିପାରିବେ । କାରଣ ଏହା ଏକ ସରକାରୀ ପଦ । ସରକାରୀ ଚାକିରିଆଙ୍କ ଗିରଫ କ୍ଷେତ୍ରରେ ସରକାର ଏହି ପ୍ରକ୍ରିୟା ଅବଲମ୍ବନ କରିଥାନ୍ତି । କୌଣସି ସରକାର ଚାକିରିଆ ଯଦି କୌଣସି ଅଭିଯୋଗରେ ଗିରଫ ହୁଅନ୍ତି ତେବେ ସରକାର ତାଙ୍କୁ ଉକ୍ତ ପଦରୁ ବହିଷ୍କାର କିମ୍ବା ନିଲମ୍ବନ କରିଥାନ୍ତି । ତେବେ କେଜରିୱାଲଙ୍କ କ୍ଷେତ୍ରରେ ଆଇନଗତ ଜଟିଳତା ରହିଛି ।

ବିଜେପିରେ ମିଶିପାରନ୍ତି ଭର୍ତ୍ତୃହରି ମହତାବ

କାଲି ବିଜେଡିରୁ ଦେଇଥିଲେ ଇସ୍ତଫା

ଭୁବନେଶ୍ୱର, ୨୩/୩ (ନି/ପ୍ର): ସାମ୍ବାଦିକତା ଓ ରାଜନୀତିରେ ଭଲ ଦକ୍ଷତା ରଖିଥିବା ୬୭ ବର୍ଷୀୟ ଭର୍ତ୍ତୃହରି ମହତାବ ଏଥରକୁ ମିଶାଲରେ ୬ ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି । ପ୍ରଥମ ଥର ପାଇଁ ୧୯୯୮ ରେ ସେ କଟକରୁ ସାଂସଦ ହୋଇଥିଲେ । ୨୦୧୭ ମସିହାରେ ସେ ଆଇଏଷ୍ଟାଙ୍କି ପାର୍ଲାମେଣ୍ଟାରି ଆୱାର୍ଡ ଗ୍ରହଣ କରିଥିଲେ । ସେହିପରି ସେ ୨୦୧୭, ୨୦୧୮, ୨୦୧୯ ଓ ୨୦୨୦ ରେସ ସଂସଦ ରତ୍ନ ପୁରସ୍କାର ଗ୍ରହଣ କରିଥିଲେ । ତେବେ ବିଜେଡିର ଜଣେ ବରିଷ୍ଠ ନେତା ଭାବେ ବଜରେ ସେ ଖୁବ ଅନୁଭବୀ ଓ ଅଭିଜ୍ଞ ନେତା ଥିଲେ । କିନ୍ତୁ ହଠାତ ଗତକାଲି ସେ ବିଜେଡିରୁ ଇସ୍ତଫା ଦେଇଥିଲେ । ତେବେ ବିଜେଡି ଛାଡିବା ପରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେନେଇ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି । ଅନ୍ୟପଟେ ଭର୍ତ୍ତୃହରି ଖୁବଶୀଘ୍ର ବିଜେପିରେ ମିଶିବେ ବୋଲି କୁହାଯାଉଛି । ତେବେ ଭର୍ତ୍ତୃହରି ମହତାବ ବିଜେପିକୁ ଆସିଲେ ତାଙ୍କୁ ସ୍ୱାଗତ କରାଯିବ ବୋଲି ଗତକାଲି ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ବି କହିଥିଲେ । ତେଣୁ ଭର୍ତ୍ତୃହରି ବିଜେପିରେ ସାମିଲ ହେବା ନେଇ ସାଧାରଣରେ ଚର୍ଚ୍ଚା ଦେଖିବାକୁ ମିଳୁଛି । କିନ୍ତୁ ଭର୍ତ୍ତୃହରି ବର୍ତ୍ତମାନ କେଉଁ ଦଳରେ ମିଶିବେ ସେନେଇ ନିଷ୍ପତି ନେଇନାହାନ୍ତି । ବନ୍ଧୁ ଓ ଶୁଭେଚ୍ଛୁଙ୍କ ସହ ଆଲୋଚନା କରିବା ପରେ ଅନ୍ୟ ଦଳରେ ମିଶିବା ସମ୍ପର୍କରେ ନିଷ୍ପତି ନେବେ ବୋଲି ସେ କହିଛନ୍ତି । ବିଜେଡିର ଜଣେ ବରିଷ୍ଠ ନେତା ଭାବେ ଦଳରେ ଭର୍ତ୍ତୃହରି ଖୁବ ଅନୁଭବୀ ଓ ଅଭିଜ୍ଞ ନେତା ଥିଲେ । ବିଜେଡିର ସାଙ୍ଗଠନିକ ଦକ୍ଷତା ଓ ଦଳର ଦୁର୍ବଳତା ଉପରେ ଭର୍ତ୍ତୃହରିଙ୍କୁ ବେଶ୍ କିଛି ମାଲୁମ ରହିଛି । ତେଣୁ ସେ ଯଦି ମୁଖ୍ୟ ବିରୋଧୀ ଦଳ ବିଜେପିରେ ସାମିଲ ହୁଅନ୍ତି ତେବେ ନିଶ୍ଚୟ କେଉଁଠି ନାଁ କେଉଁଠି ତାହା ବିଜେଡି ଉପରେ ପ୍ରଭାବ ପକାଇବ । ବିଜେପିରେ ସାମିଲ ହେବା ପରେ ଭର୍ତ୍ତୃହରି ଅଧିକ ବିଜେଡି ଉପରେ ଆକ୍ରମଣାତ୍ମକ ହୋଇପାରନ୍ତି । ବିଜେଡିର ଦୋଷ ଆଉ ଦୁର୍ବଳତା ପଦାରେ ପକାଇ ପାରନ୍ତି ।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କଳାକାର ଭତାରୁ ବଂଚିତ ଜିଲାର ଶତାଧିକ ପରିବାରଙ୍କ ଭୋଟ ବର୍ଜନ ନିଷ୍ପତି, ଜିଲାପାଳଙ୍କ ଜରିଆରେ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଚରମ ପତ୍ର

ଭଦ୍ରକ,୨୩/୩ (ନି/ପ୍ର): ୨୦୨୧ ମସିହା ଡିସେମ୍ବର ମାସରେ ସରକାରଙ୍କ ଦ୍ୱାରା ଚୟନ ହୋଇ କଳାକାର ଭତାରୁ ବଂଚିତ ହୋଇଥିବା ଏହି ଜିଲାର ୯୫୧ ଜଣ କଳାକାର ଶୁକ୍ରବାର ଜିଲାପାଳଙ୍କ ଜରିଆରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ ପୂର୍ବକ ଆସନ୍ତା ଦିନରେ ସରକାର ସେମାନଙ୍କ ପ୍ରତି ନ୍ୟାୟ ପ୍ରଦାନ ନକଲେ ଅଦାଲତର ଆଶ୍ରୟ ନେବା ସହ ଆଗାମୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସଂପର୍କରେ ଜିଲା ସଂସ୍କୃତି ବିଭାଗ ଅଧିକାରିଣୀଙ୍କୁ ଭେଟିଛନ୍ତି । ଭଦ୍ରକ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ତପନ କୁମାର ମିଶ୍ର, ଜୟନ୍ତ କୁମାର ନାୟକ, ଜଗନ୍ନାଥ ଦାସ, ମହେଶ୍ୱର ଲେଙ୍କା, ନାରାୟଣ ବିଶ୍ୱାଣି, ବିଜୟ ଜେନା, ବିନୋଦ ବିହାରୀ ଜେନା, ଶଙ୍କୁଚଳା ଦାସ, ବୈକୁଣ୍ଠ ନାୟକ ପ୍ରମୁଖଙ୍କ ଅଭିଯୋଗ ମୂଳେ ଏହି ଜିଲାର କଳାକାର ମାନଙ୍କୁ ସରକାର ଭତା ଯୋଗାଇଦେବା ପାଇଁ ବିଜ୍ଞାପନ ଜରିଆରେ ଆବେଦନ ପତ୍ର ଆହ୍ୱାନ କରିଥିଲେ । ତଦନୁଯାୟୀ ଜିଲାର ବହୁ କଳାକାର ତାହା ଆବେଦନ କରିବା ପରେ ପର୍ଯ୍ୟାୟକ୍ରମେ କିଛି କଳାକାରଙ୍କୁ ତାହା ପ୍ରଦାନ କରାଗଲା । ପରବର୍ତ୍ତୀ ସମୟରେ ଅନ୍ୟ ଯୋଗ୍ୟ ବିବେଚିତ କଳାକାରଙ୍କୁ ଷ୍ଟେଟି ଲିଷ୍ଟରେ ରଖାଯାଇ ସେମାନଙ୍କୁ ପର୍ଯ୍ୟାୟ କ୍ରମେ ଭତା ଯୋଗାଇଦେବା ପାଇଁ ଜିଲା ସଂସ୍କୃତି ଅଧିକାରୀଙ୍କ ମାଧ୍ୟମରେ ବ୍ୟାଙ୍କ ପାସବୁକ୍ ଓ ଆବଶ୍ୟକ କାଗଜପତ୍ର ଗ୍ରହଣ କରିଥିଲେ । କିନ୍ତୁ ଗତ ୧୫ ତାରିଖ ଦିନ ସରକାର କଳାକାରମାନଙ୍କ ପାଇଁ ପୁନର୍ବାର ଆଉ ଏକ ବିଜ୍ଞାପନ ଜରିଆରେ ସେମାନେ ଚୟନ ହୋଇଥିଲେ ହେଁ ପୁନଃ କଳାକାର ଭତା ଆବେଦନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିୟମ ଆଧାରରେ ଯେଉଁ ସହାୟକ କଳାକାରମାନେ ନିଜର ଯୋଗ୍ୟତା ଭିତ୍ତିରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ସମସ୍ତ ପ୍ରମାଣପତ୍ର ସହିତ ବ୍ୟାଙ୍କ ଜମାଖାତା, ଆଧାରକାର୍ଡର ଅବିକଳ ନକଲ ଦୁଇବର୍ଷ ହେଲା ପ୍ରଦାନ କରିଛନ୍ତି, ସେମାନଙ୍କ ପାଇଁ ଭତାର ବନ୍ଦୋବସ୍ତ ବ୍ୟତଥ୍ୟା ନକରି ପୁନଃ ନୂତନ ଆବେଦନ ନିମିତ ବିଜ୍ଞାପନ ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଏହି ଆବେଦନ ପତ୍ରରେ ଜଣାଇଛନ୍ତି । ଇତିମଧ୍ୟରେ ବହୁ କଳାକାର ଗତ ୨ ବର୍ଷ ହେବ ଷ୍ଟେଟି ଲିଷ୍ଟରେ ତାଲିକା ଲୁଚ୍ଛ ଥାଇ ଅତ୍ୟନ୍ତ ଦୁଃଖ ଓ ଦୁର୍ଦ୍ଦଶାରେ ପରଲୋକ ଗମନ କଲେଣି । ଏଣୁ ଭଦ୍ରକ ଜିଲାରେ କଳାକାର ଭତାରୁ ବଂଚିତ ଏହି କଳାକାରମାନଙ୍କ ଏହି ଆବେଦନକୁ ସରକାର ସହୃଦୟତାର ସହ ବିଚାରକୁ ନେଇ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଆବେଦନ କରିଛନ୍ତି । ନଚେତ୍ ଆଗାମୀ ଦିନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ସହ ଚଳିତ ନିର୍ବାଚନରେ ସେମାନଙ୍କ ପରିବାର ଭୋଟ ବର୍ଜନ କରିବାର ଚେତାବନୀ ଦେଇଛନ୍ତି । ତେବେ ଏ ସଂପର୍କରେ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରିଣୀଙ୍କୁ ଏ ସଂପର୍କରେ କେତେକ ଗଣମାଧ୍ୟମ ପ୍ରତିନିଧି ଯୋଗାଯୋଗ କରିବାରେ ସେ ଉପଯୋଗ ଷ୍ଟେଟି ଲିଷ୍ଟରେ ଥିବା କଳାକାରମାନଙ୍କ ସଂପର୍କରେ ଗତ ନଭେମ୍ବର ସୁଦ୍ଧା ଜିଲାପାଳଙ୍କ ସମେତ ସରକାରଙ୍କୁ ତିନି ତିନି ଥର ପତ୍ର ମାଧ୍ୟମରେ ଅବଗତ କରାଇଥିବାର କହିଛନ୍ତି ।

ଚାରିଶମ୍ବୁ ପୀଠରୁ ଉଠିଲା ଚୈତ୍ର ବଣ୍ଡ; ଝାମୁଯାତ୍ରାରେ ବାହାରିଲେ ବାବା ପଶ୍ଚିମେଶ୍ୱର

ଲକ୍ଷ୍ମୀପ୍ରସାଦ,୨୩/୩ (ନି/ପ୍ର): ବୌଦ୍ଧ ଜିଲ୍ଲା ଐତିହାସିକ ଗଣ୍ଡରାଢ଼ୀ (ଚାରିଶମ୍ବୁ)ପୀଠରୁ ଗୁରୁବାର ଚୈତ୍ର ବଣ୍ଡ ଉଠିଛି । ବାବା ପଶ୍ଚିମେଶ୍ୱର ଝାମୁଯାତ୍ରାରେ ବାହାରିଛନ୍ତି । ସିଦ୍ଧେଶ୍ୱର, ଜାଗେଶ୍ୱର, ପଶ୍ଚିମ ସୋମନାଥ, କପିଳେଶ୍ୱର, ଭଉଡ଼ାଳୀ, ଶ୍ୟାମାଳାଳୀଙ୍କ ସହ ବିଭିନ୍ନ ଦେବା ଦେବୀଙ୍କୁ ଠାରେ ରିତିନୀତି ପୂଜାଜାତି ହେଲା ପରେ ବଣ୍ଡ ଉଠିଥିଲା । ଶୁକ୍ରବାର ମନ୍ଦିର ପରିସରରୁ ଠାକୁର ଠାକୁରାଣୀଙ୍କୁ ବାହାର କରାଯାଇ ଚାରିଶମ୍ବୁ ଜଗତି ଗ୍ରାମ ପରିକ୍ରମା କରାଯାଇ ଘରକୁ ଘର ବନ୍ଦାଣ ଘେନିଥିଲେ । ରବିନା କ୍ଷେତ୍ରିଙ୍କ ତତ୍ତ୍ୱାବଧାନରେ ଉଠିଥିବା ଏହି ବଣ୍ଡରେ ମୁଖ୍ୟ ପାଟହୁଲୁରୀ ଭାବେ ପରଖିତ ଖାର୍ଣ୍ଣ, ବିଶାକାର ଭାବେ ଶିଶିର କଳତା, ମୁନା ବେହେରା, ସନ୍ତୋଷ ବେହେରା, କଳନ୍ଧର ପ୍ରଧାନଙ୍କ ସହ ତେର ଲୁହୁରୀ, ଗୁହରିଆମାନେ ସାମିଲ ହୋଇ ଠାକୁରଙ୍କୁ ବିଭିନ୍ନ ଗ୍ରାମ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି । ନୂଆ ବଣ୍ଡ ପାଟି ଭାବେ ଏହି ବଣ୍ଡ ବାହାରି ଗ୍ରାମ ପରିକ୍ରମା କରିଥିବା ବେଳେ ପୁରୁଣା ବଣ୍ଡ ପାଟିର ଚତୁର୍ଭୁଜ ଖମାରୀଙ୍କ ତତ୍ତ୍ୱାବଧାନରେ ପଶ୍ଚିମ ସୋମନାଥ ମନ୍ଦିରରୁ ବଣ୍ଡ ଉଠିଛି । ଏଥିରେ ପୂଜକ ସୁଶୀଳ ପାଣିଗ୍ରାହୀ, ସୁବାସ ଖମାରୀ ପୂଜାକାର୍ଯ୍ୟ ତୁଲାଇଥିବା ଜଣାପଡ଼ିଛି । ବୀର୍ଗୁ ୨୧ ଦିନ ବ୍ୟାପୀ ଏହି ଯାତ୍ରା ହେଉ ଥିବା ବେଳେ ପଣାସଂକ୍ରାନ୍ତି ଦିନ ଠାକୁରମାନେ ମେଗୁ ଯାତ୍ରା କରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ । ସେହିପରି ଶନିବାର ଦିନ ଠାରୁ ତଣ୍ଡୀତଳ ଗ୍ରାମରୁ ଗୁପ୍ତେଶ୍ୱର ବାବାଙ୍କ ଚୈତ୍ରବଣ୍ଡ ଉଠି ଗ୍ରାମ ପରିକ୍ରମା କରିବ ।

କଟକରୁ ପାରାଦୀପ ଯାଏ ଦାମବାବୁଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର/କୁଜଙ୍গ,୨୩/୩ (ନି/ପ୍ର): ବିଜୁ ବାବୁ ତାଙ୍କୁ ପାରାଦୀପର ଗୌଳିବାର କରି ଛାଡ଼ିଥିଲେ । ସବୁବେଳେ ଏକଥା କହି ଆସୁଥିବା ଡାକ୍ତର ବାମୋଦର ରାଉତଙ୍କର ରାଜନୈତିକ ଜୟଯାତ୍ରା ଓ ବ୍ୟକ୍ତିଗତ ଆବେଗ ପାରାଦୀପ ସହ ଜଡିତ ହୋଇ ରହିଥିଲା । ୧୯୭୭ ମସିହାରେ ଏରସମା ବିଧାନସଭା ଆସନରୁ ନିଜର ରାଜନୈତିକ ବିଜୟ ହାସଲ କରି ପରବର୍ତ୍ତୀ ସମୟରେ ପୁନର୍ଗଠିତ ପାରାଦୀପ ଆସନରୁ ଲଗାତାର ଦୁଇ ଥର ବିଜୟ ହାସଲ କରିଥିଲେ ଦାମ ବାବୁ । ଦାମ ବାବୁ ବିଧାୟକ ଥିବାବେଳେ ୧୯୭୯ ମସିହାରେ ପାରାଦୀପ ଏନ୍‌ଏସି ମାନ୍ୟତା ଲାଭ କରିଥିଲା । ପରବର୍ତ୍ତି ସମୟରେ ୨୦୦୨ରେ ପାରାଦୀପ ପୌର ପରିଷଦ ହୋଇଥିଲା । ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ) ମଧ୍ୟ ତାଙ୍କ କାର୍ଯ୍ୟକାଳରେ ହୋଇଥିଲା । ପୁରୁଣା ଏରସମା ନିର୍ବାଚନମଣ୍ଡଳୀରୁ ସେ ୫ ଥର ନିର୍ବାଚିତ ହୋଇଥିବା ବେଳେ ନବଗଠିତ ପାରାଦୀପ ନିର୍ବାଚନ ମଣ୍ଡଳୀରୁ ୨୦୦୯ ଓ ୨୦୧୪ରେ ବିଜୟୀ ହୋଇଥିଲେ । ୨୦୧୯ରେ ତାଙ୍କ ପୁଅ ସମିତ ରାଉତରାୟ ପାରାଦୀପରୁ ବିଧାୟକ ନିର୍ବାଚିତ ହୋଇଥିଲେ । ୨୦୧୮ରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯିବା ପରେ ସେ ବିଜେପିରେ ସାମିଲ ହୋଇ ୨୦୧୯ରେ ନିଜର ଶେଷ ନିର୍ବାଚନ ଲଢିଥିଲେ । ବାଲିକୁଦା-ଏରସମାରୁ ସେ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଦ୍ୱିତୀୟ ସ୍ଥାନରେ ରହିଥିଲେ । ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି ଯେ ପାରାଦୀପ ସହରର ଉନ୍ନତୀକରଣ ଠାରୁ ଆରମ୍ଭ କରି ଶିଳ୍ପ ପ୍ରତିଷ୍ଠା, ଶିଳ୍ପ ପାଇଁ ପରିବେଶ ସୃଷ୍ଟି କରିବା, ବନ୍ଦରାଂଚଳ ଉନ୍ନୟନ, ଶିକ୍ଷା ଆଦି ସବୁ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି । ତାଙ୍କ ବିୟୋଗରେ ଅପୂରଣୀୟ କ୍ଷତି ହୋଇଛି ଓ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ସେହିପରି ପାରାଦୀପ ବେଳାଭୂମିରେ ଅନୁଷ୍ଠିତ କଳିଙ୍ଗ ବାଲିଯାତ୍ରାର ହୋରକମିଟି ସଦସ୍ୟ ମାୟାଧର ରାଉତ କହିଛନ୍ତି, ୧୯୯୧ରେ ପାରାଦୀପ ବନ୍ଦରରୁ ଜଣେ ଯୁବତୀଙ୍କ ନେତୃତ୍ୱରେ ଏକ ଟିମ୍ ଇଣ୍ଡୋନେସିଆ ଯାତ୍ରା କରିଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହା ପର ବର୍ଷ ଠାରୁ ଅର୍ଥାତ୍ ୧୯୯୨ରେ ସମୁଦ୍ର ବେଳାଭୂମିରେ କଳିଙ୍ଗ ବାଲିଯାତ୍ରା ଆରମ୍ଭ ହୋଇଥିଲା । ସେବେଠାରୁ ବାଲିଯାତ୍ରା ହୋଇଆସୁଛି । ବାଲିଯାତ୍ରା ଆୟୋଜନରେ ଦାମ ରାଉତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଓ ତାଙ୍କର ସେଥିପ୍ରତି ପ୍ରମୁଖ ଅବଦାନ ରହିଥିଲା । ଆଜି ଦାମ ବାବୁଙ୍କ ମରଣଶରୀରକୁ ଭୁବନେଶ୍ୱରରୁ କଟକ-ପାରାଦୀପ ରାସ୍ତାରେ ପାରାଦୀପ ନିଆଯାଇଥିଲା । ପ୍ରଥମେ ତାଙ୍କୁ କଟକର ଓଏମପି ଛକ ନିକଟରେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସେଠାରେ ନିରାମୟ ଉପଦେଷ୍ଟା ଡଙ୍କର ରଂଜନ ବିଶ୍ୱାଳ, ପ୍ରକାଶ ଦାସ, ବିଜୟଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପରେ ତାଙ୍କ ମରଣଶରୀରକୁ ତିର୍ତୋଲ ସ୍ଥିତ ବାସଭବନକୁ ?ନିଆଯାଇ ସେଠାରେ କିଛି ସମୟ ପାଇଁ ରଖାଯାଇଥିଲା । ଏହି ବାସ ଭବନରେ ତାଙ୍କର ଜୀବନର ସେ ଗୁରୁତ୍ୱପୂର୍ଣ୍ଣ ସମୟ ଅତିବାହତି କରିଛନ୍ତି । ଅଂଚଳର ରାଜନୀତିକୁ ପ୍ରାୟତଃ ସେ ଏହିଠାରୁ ନିୟନ୍ତ୍ରଣ କରିଆନ୍ତି । ସେଠାରେ ତାଙ୍କୁ ଏରସମା, ତିର୍ତୋଲ ଅଂଚଳର ବହୁ ସହକର୍ମୀ, ଦଳୀୟ କର୍ମୀ, ଶୁଭେଚ୍ଛୁ ମାନେ ଶେଷ ବର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରଘୁନାଥପୁର, ତିର୍ତୋଲ, ମଣିଜଙ୍ଗ, ରାହାମା, ପଙ୍କପାଳ, କୁଜଙ୍ଗ, ପାରାଦୀପ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ କର୍ମୀ, ସମର୍ଥକ, ଜନତା ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପାରାଦୀପ ଅଠରବାଙ୍କୀ ଠାରେ ବିଜୁ ପଟ୍ଟନାୟଙ୍କର ପ୍ରତିମୂର୍ତ୍ତି ନିକଟରେ ତାଙ୍କୁ ପ୍ରଥମେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଏହାପରେ ବଡ଼ପଡ଼ିଆସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା, ସମସ୍ତ କାଉନ୍‌ସିଲରଙ୍କ ସମେତ ଶ୍ରମିକ ନେତା, ବିଭିନ୍ନ ସଙ୍ଗଠନରେ ନେତା, ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ଅଜୟ କୁମାର ଦାସ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହାପରେ ଡାକ୍ତର ରାଉତଙ୍କ ମର ଶରୀରକୁ ଷଣ୍ଢକୁଦ ନିଆଯାଇଥିଲା । ସେଠାରେ ମଧ୍ୟ କର୍ମୀ, ସମର୍ଥକ, ସାଧାରଣ ଜନତା ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏହା ପରେ ଡିଙ୍କିଆ, ନୂଆଗାଁ ଦେଇ ମରଣଶରୀରକୁ ତାଙ୍କ ପୈତୃକ ଗାଁ ଏରସମା ମଲ୍ଲିସୁରକୁ ନିଆଯାଇଥିଲା । ଶେଷରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ କରାଯାଇଥିଲା ।

ଗୋଚାଲାଣ ପିକଅପ ଜବତ, ୧୧ ଗୋରୁ ଉଦ୍ଧାର

ନୀଳଗିରି ,୨୩/୩ (ନି/ପ୍ର) :ନୀଳଗିରି ପୁଲିସ ଗତକାଲି ମଧ୍ୟରାତ୍ରିରେ ଜାହାଳିଆ ଅଂଚଳରେ ଚଢ଼ଉ କରି ଗୋରୁ ବୋଝେଇ ପିକଅପ ଜବତ କରିଥିବା ଜଣାପଡ଼ିଛି । ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ପୂର୍ବରୁ ସତର୍କତା ଅବଲମ୍ବନ କରିଥିଲା । ପିକଅପଟି ଦୁତରଗତିରେ ଯାଉଥିବା ବେଳେ ଗାଡ଼ିଟିକୁ ଅଟକାଇବା ପରେ ୧୧ଟି ଗୋରୁ ବୋଝେଇ ହୋଇଥିବା ଦେଖିବାକୁ ପାଇଥିଲେ । ଗାଡ଼ିଟିକୁ ଜବତ କରି ଥାନାରେ ରଖିବା ସହ ଗୋରୁଗୁଡ଼ିକ ମଧ୍ୟ ରଖାଯାଇଛି । ଡଣ୍ଡାସୁଲକୁ ଗୋରୁ ବେପାରୀ ଓ ଡ୍ରାଇଭର ଖସି ପଳାଇଯାଇଛେ । ପରେ ଗୋରୁଗୁଡ଼ିକୁ ପାଖ ଗୋଶାଳାକୁ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି । ଖାଲି ନୀଳଗିରି ନୁହେଁ, ବିଭିନ୍ନ ଅଂଚଳରେ ଏବେ ବେଆଇନ ଗୋଚାଲାଣ କରାଯାଉଥିବା ଜଣାଯାଇଛି ।

ବାଲିକୁଦା-ଏରସମା ଆସନରେ ନୂଆ ଚେହେରା ପ୍ରବୋଧ ସାମନ୍ତରା

ଭୁବନେଶ୍ୱର,୨୩/୩ (ନି/ପ୍ର): ଆସନ୍ତା ନିର୍ବାଚନରେ ବାଲିକୁଦା - ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନୂଆ ଚେହେରା ଭାବରେ ଯୁବ ଶିକ୍ଷୋଦ୍ୟୋଗୀ ପ୍ରବୋଧ ସାମନ୍ତରାଙ୍କର ନାମ ବ୍ୟାପକ ଭାବେ ଚର୍ଚ୍ଚା ହେଉଥିବା ଜଣାଯାଇଛି । ବାଲିକୁଦା କୁଜଙ୍ଗ ଗରାମ ଗ୍ରାମର ମୂଳ ବାସୀନ୍ଦା ଶ୍ରୀ ସାମନ୍ତରା ସର୍ବସାଧାରଣରେ ବୁଦ୍ଧୁ ଭାବରେ ଦେଖି ଲୋକପ୍ରିୟ । ଜଣେ ସକ୍ରୀୟ ସମାଜସେବୀ, ସଚ୍ଚୋଟ ବ୍ୟକ୍ତି, ପରୋପକାରୀ ମଣିଷ, ଭଦ୍ର ରାଜନେତା, ବନ୍ଦରୀ ମାନବ ଏବଂ ନିଷ୍ଠାପର କର୍ମୀ ଭାବରେ ଶ୍ରୀ ସାମନ୍ତରା ଭୋଟଦାତାମାନଙ୍କ ମଧ୍ୟରେ ଖୁବ ଆଦୃତ ହେବାରେ ଲାଗିଛନ୍ତି । ବୁଜୁଙ୍ଗର ପିତା ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ସାମନ୍ତରା ବାଲିକୁଦା କୁଜଙ୍ଗ ଏ.ଡି.ଡ଼ି.ଓ ଥିବା ବେଳେ ଏହି ଅ ଳରେ ବହୁ ଜନପ୍ରିୟ କାମ କରି ବେଶ ସୁନାମ ଅର୍ଜନ କରିଥିଲେ । ଲୋକଙ୍କ ଅଫିସର ଭାବେ ପରିଚିତ ଥିବା ପୂର୍ଣ୍ଣଚନ୍ଦ୍ରଙ୍କର ପୈତୃକ ଜମିଦାରୀ ଥିବାରୁ ସେ ଜନତାଙ୍କର ଜମିଦାର ଭାବେ ମଧ୍ୟ ପରିଗଣିତ ହେଉଥିଲେ । ସାମନ୍ତରା ପରିବାରର ପ୍ରଚେଷ୍ଟା କ୍ରମେ ଗରାମ ଗ୍ରାମରେ ହାଇସ୍କୁଲ, ଯୁଥି ସ୍କୁଲ ଏବଂ ଦକ୍ଷିଣେଶ୍ୱରୀ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ହୋଇପାରିଛି । ପିତାଙ୍କର ଅଜସ୍ର ଲୋକପ୍ରିୟତା ଏବଂ ଅସୀମ ସାମାଜିକ ପ୍ରତିଷ୍ଠାକୁ ଆଧାର କରି ପ୍ରବୋଧ ରାଜନୀତିରେ ତାଙ୍କର ଭାଗ୍ୟ ପରୀକ୍ଷା କରିବାକୁ ଯାଇଛନ୍ତି । ସ୍ୱଚ୍ଛ ଭାବମୂର୍ତ୍ତି ଏବଂ ସତେଜ ବ୍ୟକ୍ତିତ୍ୱର ଅଧିକାରୀ ଶ୍ରୀ ସାମନ୍ତରା ଯୁବ, ମହିଳା, ପେଶାବାରି ଓ ଗରିବ ଗୁରୁବା ସମ୍ପ୍ରଦାୟର ଭୋଟଦାତା ମାନଙ୍କର ଶୁଭେଚ୍ଛା, ସମବେଦନା ଓ ସମର୍ଥନ ଲାଭ କରୁଥିବା ଦେଖାଯାଇଛି । ଉପରୋକ୍ତ ଅନୁକୂଳ ବାତାବରଣ ଯୋଗୁଁ ରାଜନୈତିକ ସମୀକ୍ଷକ ମାନଙ୍କର ପ୍ରାରମ୍ଭିକ ଆକଳନରୁ ଯାହା ଜଣାଯାଉଛି, ପ୍ରଥମ ପ୍ରୟାସରେ ହିଁ ନୂତନ ଯବି ନିର୍ବାଚନରେ ବାଜି ମାରିବାରେ ସଫଳକାମ ହୋଇଯାଆନ୍ତି, ତେବେ ତାହା କିଛି ଅସମ୍ଭବ କଥା ହେବନାହିଁ । ବାଲିକୁଦା - ଏରସମା ଆସନର ସମସ୍ୟାବଳୀ ବିଷୟରେ ପଚରା ଗଲାରୁ ପ୍ରବୋଧ କୁହନ୍ତି ଯେ ଏଠାରେ ବେକାରୀ ସମସ୍ୟା ସବୁଠୁ ଅଧିକ ଉତ୍କଟ, ସମଗ୍ର ନିର୍ବାଚନ ମଣ୍ଡଳୀରେ ଗୋଟିଏ ବି କାରଖାନା ନାହିଁ ଏବଂ ଜଳସେଚନର ଘୋର ଅଭାବ ଯୋଗୁଁ ଚାଷୀ ମାନେ

ରାଜ୍ୟରେ ଜଳ ସଂକଟ, ପିଇବା ପାଣି ସମସ୍ୟା ଏବଂ ପରିବେଶ ପ୍ରଦୂଷଣ ପ୍ରସଙ୍ଗ

ଭୁବନେଶ୍ୱର, ୨୩/୩: ଓଡିଶାର ଜଳସମ୍ପଦ ବ୍ୟବସ୍ଥାକୁ ସୁଦୃଢ କରିବା ସହିତ ସମସ୍ତ ଓଡିଶାବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ମୋଦି ସଂକଳ୍ପବଦ୍ଧ । ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବା ପରେ ଏଥି ପାଇଁ ହଜାର ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ଓ ସହାୟତା ପ୍ରଦାନ କରିଛନ୍ତି । "ପ୍ରଧାନମନ୍ତ୍ରୀ ଜଳ ଜୀବନ ମିଶନ" ମାଧ୍ୟମରେ ଗତ ୧୦ବର୍ଷରେ ଓଡିଶାର ୭୧.୦୨ପ୍ରତିଶତ ଘରେ ଟ୍ୟାପ ଯୋଗେ ଜଳ ଯୋଗାଇ ଦିଆଯାଇଛି । ୨୦୧୯-୨୪ ଭିତରେ ୧୦୨୧୭ କୋଟି ଟଙ୍କା ବ୍ୟୟ କରାଯାଇ ଗତ୍ୟରେ ୬୦୭୫୧୫୧ଟି ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ସେହିପରି ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା ଜରିଆରେ ୯୪୭୨୨ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ନୂତନ ବନୀକରଣ ପାଇଁ କାଂପା ପାଣ୍ଠି ଜରିଆରେ ୧୦ ହଜାର କୋଟି ଟଙ୍କା ଓଡିଶାକୁ ଆସିଛି । ୩୪୦ ମେଗାୱାଟ ପାଇଁ ରାଜ୍ୟରେ ନୀତି ସୋଲାର ପାର୍କ ପ୍ରତିଷ୍ଠାର ଅନୁମୋଦନ ହୋଇସାରିଛି । ଗ୍ରୀନ ଇଣ୍ଡିଆ ମିଶନ ଜରିଆରେ ଓଡିଶାରେ ୭୧.୧୩ ଲକ୍ଷ ବୃକ୍ଷରୋପଣ ହୋଇଛି । ରାଜ୍ୟର ସହଜାଂଚଳ ବନୀକରଣ ପାଇଁ ମଗର ବନ ଯୋଜନା ଜରିଆରେ ୪୦ଟି ପ୍ରକଳ୍ପର ପ୍ରସ୍ତାବ ଅନୁମୋଦନ ହୋଇସାରିଥିବାବେଳେ ଏଥି ପାଇଁ ୨୦.୩୪ କୋଟି ଟଙ୍କା ମୋଦି ସରକାର ଓଡିଶାକୁ ପ୍ରଦାନ କରିଛନ୍ତି । ରାଜ୍ୟର ସାଚକୋଶିଆ ଗଣ୍ଡ, ଚାଂପରା ହ୍ରଦ, ଅଣ୍ଣୁପା ହ୍ରଦ ଏବଂ ହାରାଭୁଦ ଜଳଭଣ୍ଡାର ୪ଟି ପ୍ରମୁଖ ଆର୍ଦ୍ରଭୂମି ସ୍ଥାନକୁ ରାମସର ସ୍ଥାନ ଚିହ୍ନଟ କରାଯାଇଛି । ପୁରୀ ବେଳାଭୂମିକୁ "ବ୍ଲୁ ଫ୍ଲାଗ ବିଚ୍" ଭାବେ ମୋଦି ସରକାରରେ ମାନ୍ୟତା ମିଳିଛି । ମାତ୍ର ଓଡିଶାରେ ମୋଦି ଗ୍ୟାରେଂଟିର ବାଧକ ସାଜିଛନ୍ତି ରାଜ୍ୟ ସରକାର । ଏହି କାରଣରୁ ଓଡିଶାବାସୀ ମୋଦି ଗ୍ୟାରେଂଟିର ସୁଫଳ ପାଇବାରୁ ବଂଚିତ ହୋଇଛନ୍ତି ବୋଲି ରାଜ୍ୟ ମୁଖପାତ୍ର ତଥା ବିଧାୟକ ଡ.ମୁକେଶ ମହାଲିଙ୍

ବିବିଧା

ହୋଲିରେ କରନ୍ତୁ ଏସବୁ କାମ

ଦୋଳପୂର୍ଣ୍ଣିମା ମାଘର ଶୁକ୍ଳପକ୍ଷର ପୂର୍ଣ୍ଣିମା ତାରିଖରେ ହୋଲିକା ଦହନ କରାଯାଏ। କିନ୍ତୁ ଏହାର ହୋଲିକା ଦହନ ଅବଶ୍ୟ ଭଦ୍ରରେ ସତ୍ୟର ଜୟର ପ୍ରତୀକ ହୋଲି ବୁଝାଯାଏ। ଏହାର ପର ଦିନ ରଙ୍ଗର ପର୍ବ ହୋଲି ପାଳନ କରାଯାଏ। ଏହି ଦିନ ବିଧି ସହ ପୂଜାର୍ଚ୍ଚନା କରାଯାଏ। ବାଣ୍ଡୁରେ ମଧ୍ୟ ହୋଲିର ଶୁଭ୍ ମହତ୍ତ୍ୱ ରହିଛି। ବିଜିନ୍ସ ସମସ୍ୟାରୁ ମୁକ୍ତି ପାଇବା ପାଇଁ ହୋଲି ଦିନ କିଛି ସ୍ୱତନ୍ତ୍ର ଜିନିଷ କିଣି ଘରକୁ ଆଣିପାରିବେ। ଏହାଦ୍ୱାରା ଜୀବନ ସୁଖମୟ ହେବା ସହ ଅନେକ ଦୁଃଖ ଦୂର ହୋଇଯାଏ। ଅନେକ ଦେଖା କରିବା ଘରେ ମଧ୍ୟ ଜୀବନରେ ସଫଳତା ମିଳିପାରୁଛନ୍ତି, ହୋଲି ଦିନ କିଛି ସ୍ୱତନ୍ତ୍ର ବାଣ୍ଡୁ ଉପାୟ କରିବା ଦ୍ୱାରା ଏଥିରୁ ମୁକ୍ତି ମିଳିଥାଏ।

- ହୋଲି ଦିନ ଭଗବାନ ଗଣେଶଙ୍କୁ ବିଧି ବିଧାନ ସହ ପୂଜା କରି ରଙ୍ଗ ଅର୍ପଣ କରନ୍ତୁ। ଏହାସହ ମିଠା ଲୋଗ ନିବେଦ ଅର୍ପଣ କରନ୍ତୁ।
- ବାଣ୍ଡୁ ଅନୁଯାୟୀ ହୋଲି ଦିନ କିଛିଦିନ କିଣିବା ସମୟରେ ଚାନ୍ଦିର ଟଙ୍କା ନିଶ୍ଚୟ କିଣନ୍ତୁ। ହୋଲି ଦିନ ଏହାର ପୂଜା କରିବା ପରେ ଏହି ଟଙ୍କାକୁ ଆଲମିରାରେ ରଖନ୍ତୁ। ଏହା ଦ୍ୱାରା ଆର୍ଥିକ ସମସ୍ୟାରୁ ମୁକ୍ତି ମିଳିବ।
- ହୋଲି ଭଳି ଶୁଭ ଦିନରେ ଅଶୋକ ପତ୍ରରେ ତିଆରି ତୋରଣ ଆଣି ଆସନ୍ତୁ। ମାନ୍ୟତା ଅନୁଯାୟୀ, ମୁଖ୍ୟ ଦ୍ୱାରରେ ଏହାକୁ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଯାଏ।
- ହୋଲି ଦିନ ବଜାରରେ ମିଳୁଥିବା ଘରେ ରଖାଯାଉଥିବା ଜାଉଁଶ ଗଛ ନିଶ୍ଚୟ ଆଣନ୍ତୁ। ଏହା ଅତ୍ୟନ୍ତ ଶୁଭଲାଭକ।
- ବାଣ୍ଡୁ ଅନୁଯାୟୀ, ହୋଲି ଦିନ ଧାତୁରେ ତିଆରି ହୋଇଥିବା କଳିଙ୍ଗ ଘରକୁ ନିଶ୍ଚୟ ଆଣନ୍ତୁ। କଳିଙ୍ଗର ଠିଆରେ ଶ୍ରୀଯନ୍ତ୍ର କିମ୍ବା ଲକ୍ଷ୍ମୀ ଯନ୍ତ୍ର ଥେଉଥିବା ଯନ୍ତ୍ର ଥେଉଥିବା ଧ୍ୟାନ ଦେବେ।

ମାନ୍ୟତା ଅନୁଯାୟୀ, ପିରାମିଡରେ ଧନକୁ ଆକର୍ଷିତ କରିବାର କ୍ଷମତା ରହିଛି। ସେଇଠାରେ ମଧ୍ୟ ପିରାମିଡ୍ ଥାଏ, ସେଠାକୁ ଆସେ ଆସେ ଧନ ଆସିଥାଏ। ହଠାତ୍ ଧନ ପ୍ରାପ୍ତି ମଧ୍ୟ ହୋଇଥାଏ। ତେଣୁ ହୋଲି ଦିନ ଘରକୁ ଏହାକୁ ମଧ୍ୟ କିଣି ଆଣି ପାରିବେ।

- ମାନ୍ୟତା ଅନୁଯାୟୀ, ହୋଲି ଦିନ ମା'ଲକ୍ଷ୍ମୀଙ୍କୁ ଏକ ବିଶେଷ ଧରା ରଙ୍ଗର ଜିନିଷ ଅର୍ପଣ କରିବା ଅତ୍ୟନ୍ତ ଶୁଭଦାୟକ।
- ହୋଲି ଦିନ ଏହି ସରଳ ଉପାୟ ଆପଣାଇବା ଦ୍ୱାରା ଟଙ୍କା ଅଭାବ ଦୂର ହୋଇଥାଏ। ମା'ଲକ୍ଷ୍ମୀ ପ୍ରସନ୍ନ ହେବା ସହ ସର୍ବଦା ତାଙ୍କ କୃପା ରହିଥାଏ।
- ମାନ୍ୟତା ଅନୁଯାୟୀ, ହୋଲି ଦିନ ମିଠା ଓ ଭୁଜିଆ ଖାଦ୍ୟ ପ୍ରସ୍ତୁତ କରିବା ସହ ଖାରି ନିଶ୍ଚୟ ପ୍ରସ୍ତୁତ କରନ୍ତୁ। ଖାରି ପ୍ରସ୍ତୁତ କରିବା ପରେ ଏହାକୁ ପ୍ରଥମେ ମା'ଲକ୍ଷ୍ମୀଙ୍କ ନିକଟରେ ଭୋଗ କରନ୍ତୁ।
- ହୋଲିରେ ମା'ଲକ୍ଷ୍ମୀଙ୍କୁ ଖାରି ଭୋଗ ଅର୍ପଣ କରିବା ଦ୍ୱାରା ଲାଭ ହେଲାଥାଏ। ଖରାପ ଦିନ ମଧ୍ୟ ଭଲ ଦିନରେ ପରିଣତ ହୋଇଥାଏ।
- ଖାରି ଭୋଗ ଅର୍ପଣ କରିବା ଦ୍ୱାରା ମା'ଲକ୍ଷ୍ମୀ ଖୁବ୍ ପ୍ରସନ୍ନ ହୋଇଯାଆନ୍ତି। ଧନର କମି ହୋଇଥାଏ।
- ମାନ୍ୟତା ଅନୁଯାୟୀ ହୋଲି ଦିନ ଏହି ଉପାୟ କରିବା ଦ୍ୱାରା ଜଣାଶୁଣା ଆର୍ଥିକ ସମସ୍ୟାରୁ ମୁକ୍ତି ମିଳିଥାଏ।
- ଏହାସହ ମା'ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଗରୀବ ଗୋଟିଏ ଟଙ୍କା କିମ୍ବା ଗହମ ଏକ ଲୋକ ଅର୍ପଣ କରନ୍ତୁ।
- ଏପରି କରିବା ଦ୍ୱାରା ମା'ଲକ୍ଷ୍ମୀ ଜୀବନରେ ଥିବା ସମସ୍ତ କଷ୍ଟ ଦୂର କରିଦିଆନ୍ତି। ଜୀବନରେ ସର୍ବଦା ସୁଖସମୃଦ୍ଧି ପ୍ରବେଶ କରିଥାଏ।
- ହୋଲି ଦିନ କଳା ରଙ୍ଗର ପୋଷାକ ପିନ୍ଧନ୍ତୁ ନାହିଁ।
- ସ୍ୱାସ୍ଥ୍ୟ ସହ ଜଡିତ ସମସ୍ୟା ଦୂର ପାଇଁ ହୋଲି ରାତିରେ ଧଳା ବସ୍ତ୍ର ଧାରଣ କରି ବହୁମାନଙ୍କ ରାଶିରେ ବସନ୍ତୁ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରନ୍ତୁ। ଶୁଭଫଳ ମିଳିଥାଏ।
- ମାନସିକ ଅଶାନ୍ତିରୁ ମୁକ୍ତି ପାଇବା ପାଇଁ ଚନ୍ଦ୍ରମାଙ୍କ ଆରାଧନା କରନ୍ତୁ।
- ବ୍ୟବସାୟରେ ଖରାପ ହେଉଥିଲେ, ଗତିବିଧି ଦେଖା ନଦିଲେ, ହୋଲି ଦିନ କୌଣସି ଅଫିସରାଙ୍କୁ ବୃଦ୍ଧାଙ୍କୁ ଧଳା ଜିନିଷ ଦାନ କରନ୍ତୁ। ଏଥିରେ ବ୍ୟବସାୟରେ ଆସୁଥିବା ବାଧା ଦୂର ହୋଇଯାଏ।
- ହୋଲି ଦିନ ରାଧାକୃଷ୍ଣଙ୍କୁ ଗୋଲାପ ଫୁଲର ମାଳା ଅର୍ପଣ କରନ୍ତୁ। ଏହାଦ୍ୱାରା ପ୍ରେମ ଓ ବୈବାହିକ ଜୀବନ ସୁଖମୟ ହୋଇଥାଏ।
- ବୈବାହିକ ଜୀବନରେ ସର୍ବଦା ଖୁସି ରହିବା ପାଇଁ ହୋଲି ଦିନ ରାତିରେ ଶ୍ରୀଖଣ୍ଡ ପ୍ରସ୍ତୁତ କରି ଭଗବାନ ଶିବଙ୍କୁ ଅର୍ପଣ କରନ୍ତୁ। ଏହାସହିତ ଏହି ଶ୍ଳୋକରୁ ପତି-ପତ୍ନୀଙ୍କ ସହ ପରିବାରର ସମସ୍ତ ଲୋକେ ଏହାକୁ ଗ୍ରହଣ କରନ୍ତୁ।

ଭଗବାନ ! ମୋ ଭାଗ୍ୟରେ ଏପରି ଜଣେ ଝିଅ ଦିଅନ୍ତୁ

କରିବତ ସୁନ୍ଦରୀ ଉର୍ବଶୀ ଗୋଟେଲା ନିଜର ପଂଖପନ ଓ ଚୁଲବୁଲି ଅଦାଜ ପାଇଁ ସବୁଠେଇ ଆଲାମ ଲାଇଟରେ ରହିଥାନ୍ତି। ଏହା ସହ ନିଜର ଦ୍ୟାନୁ ଏବଂ ଅଭିନୟ ଦକ୍ଷତା ବଳରେ କରିବତରୁ ଆରମ୍ଭ କରି ବେଲୁଗୁ, ତାମିଲ ସହ ବିଭିନ୍ନ ଭାଷାରେ ଅଭିନୟ କରି ପାରିଲେଣି। ଏବେ ଖବର ଆସୁଛି ଉର୍ବଶୀ ରାଜନୀତିରେ ପ୍ରବେଶ କରିବାକୁ ଯାଉଛନ୍ତି। ଇନଷ୍ଟାଗ୍ରାମ କରିବତରୁ ବେଲୁଗୁବା ଏକ ସାକ୍ଷାତକାରରେ ଉର୍ବଶୀ କହିଛନ୍ତି ରାଜନୀତିରେ ପ୍ରବେଶ କରିବା ପାଇଁ ମତେ ଟିକେଟ୍ ମିଳିଛି। ଏବେ ଏହି ନିଷ୍ପତ୍ତି ମୋତେହେବ ଯେ ମୁଁ ରାଜନିତୀକୁ ଆସିବି କି ନାହିଁ। ତେବେ ମୁଁ ନିଶ୍ଚିତ ରୁହେଁ ମୁ ରାଜନୀତିକୁ ଆସିବି କି ନାହିଁ। ଏଥିପାଇଁ ମୁଁ ମୋର ପ୍ରଶଂସକଙ୍କ ରାୟ ମାଗିଛି। ଉର୍ବଶୀଙ୍କ ଅନୁରୋଧ ପରେ ତାଙ୍କର ପ୍ରଶଂସକମାନେ ରାୟ ମଧ୍ୟ ଦେଇଛନ୍ତି। ଅନେକ କହିଛନ୍ତି ଯେ ସେ ନିଶ୍ଚୟେ ରାଜନୀତିକୁ ଆସିବା କଥା। ଜଣେ ୟୁଜର କହିଛନ୍ତି ଏଗୁଡି ପଲିଟିଶିଆନ ଝୁମେ ମୁଁ ନିଶ୍ଚିତ ଭୋଟ ଦେବାକୁ ଚାହିଁବି। ସେହିଭଳି ଅନେକ ୟୁଜର ତାଙ୍କୁ ରାଜନୀତିକୁ ନ ଆସିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। କିଛି ୟୁଜର ଏହା ମଧ୍ୟ କହିଛନ୍ତି ଯେ ଫିଲ୍ମରେ କାମ ମିଳୁ ନାହିଁ ହୋଲି ରାଜନୀତିକୁ ଆସିବାକୁ ଚାହୁଁଥିବା କହିଛନ୍ତି।

ସତର୍କତାର ସହ ଖେଳନ୍ତୁ ହୋଲି

ବର୍ତ୍ତମାନ ଗଣ୍ଡୁରେ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ରଙ୍ଗ ଓ ଆନନ୍ଦର ମହୋତ୍ସବ ହୋଲି ପଡ଼ିଥାଏ । ରଙ୍ଗର ମହୋତ୍ସବରେ ସମସ୍ତେ ପରସ୍ପରକୁ ବନ୍ଧୁତ୍ୱ ଓ ଭଲପାଇବାର ପ୍ରତୀକ ସ୍ୱରୂପ ଫଗୁ ବା ରଙ୍ଗ ଦେଇବା ପାଇଁ ଚାହିଁଥାନ୍ତି । ଚାହିଁବାକୁ ଦୃଷ୍ଟିରେ ରଖି ବଜାରରେ ବିଭିନ୍ନ ପ୍ରକାର ରଙ୍ଗ ବିକ୍ରି ହୋଇଥାଏ । ସମସ୍ତଙ୍କ ପାଇଁ ସୁନ୍ଦର ଜିନ୍ଦୁଥିବା ଏହି ରଙ୍ଗ ଯେ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି ତାହା ସମସ୍ତଙ୍କୁ ପ୍ରାୟ ଜଣାନଥାଏ । କେତେବେଳେ ଖବର ପ୍ରକାଶ ପାଇଥାଏ ଯେ ଏହି ରଙ୍ଗରେ ବର୍ଣ୍ଣଟେକ ଓ ଲଜିନ୍ ତେଲ ମିଶିଥାଏ ଯାହାକି ଶରୀର ପାଇଁ କ୍ଷତିକାରକ । ନିମ୍ନସ୍ତ ବଜାରରୁ ରଙ୍ଗ କିଣିବା ସମୟରେ ଏହାକି ଦିଗଟି ପ୍ରତି ସମୟରେ ଦୃଷ୍ଟି ଦେବା ଦରକାର । ପ୍ରାକୃତିକ ରଙ୍ଗ ସ୍ୱାସ୍ଥ୍ୟ ପାଇଁ ପ୍ରକାର ପଚାରନ୍ତାଏ । କିନ୍ତୁ ଏହି ସ୍ୱାସ୍ଥ୍ୟପ୍ରଦ ପ୍ରାକୃତିକ ବା ଆୟୁର୍ବେଦୀୟ ପ୍ରସ୍ତୁତିରୁ ରଙ୍ଗକୁ ପ୍ରାୟତଃ ଅଣଦେଖା କରାଯାଇଥାଏ ।

ସାଧାରଣତଃ ହୋଲି ସମୟରେ ରଙ୍ଗର ଏହି ପର୍ବରେ ପରସ୍ପରକୁ ରଙ୍ଗ ଏବଂ ଫଗୁ ଦେଇବା ପାଇଁ ଅନେକେ ଚାହିଁବାପ୍ରାପ୍ତ । ସେଥିପାଇଁ ଅନେକେ ବଜାରରୁ ରଙ୍ଗ ଏବଂ ଫଗୁ କିଣିବାରେ ବ୍ୟସ୍ତ । ବଜାରରେ ବିଭିନ୍ନ କିସମର ରଙ୍ଗ ମିଳୁଛି । ଖାଲି ଆଖିକୁ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି । ଯେପରକି ଲାଲଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଲାଲିକ ଲେଡ ଏବଂ କାଲଖାଲାର କର୍ବନ ଟେଟ ମିଶାଇଥାନ୍ତି । ଏଗୁଡ଼ିକ ଶରୀର ପ୍ରତି କ୍ଷତିକାରକ, ଏପରିକି ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ଅଚଳ କରିଦିଏ। ତେଣୁ ରଙ୍ଗ କିଣିବା ବେଳେ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ବିଶେଷ କରି ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଏବେ ବଜାରରେ ମିଳୁଥିବା ଫଗୁକ ରଙ୍ଗରେ କମ୍ପଟ ଯାଉଥେଟ ମିଶିଥାଏ। ଏହା ଆଖି ରୋଗର କାରଣ ହୋଇ ସହ ମରିଷକୁ ଅଣନିଶ୍ଚାରୀ କରିଥାଏ। ଏହାଛଡ଼ା ଏହି ରଙ୍ଗ ଆଂଖିର ଲାଭେ ଅଳ୍ପ କରିଦେଇଥାଏ। ଖରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରୋମାଇଡ ରହିଛି। ଏଥିପାଇଁ କର୍ଣ୍ଣରୋଗ ହେବାର ସମ୍ଭାବନା ଅଧିକ। ହାଲକା ବ୍ୟବସାୟୀ ରଙ୍ଗରେ ଫ୍ରୋମିୟମ୍ଡାଇଅକ୍ସାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର ଲାଗେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ମୁସିଆନ୍ ଲୁ ରାସାୟନିକ ମୋଲୁ ଜିନ୍ଦିନ୍ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ରହିଛି। ଖାଲାଲ ରଙ୍ଗରେ ମର୍କୁରିକ ସଲ୍ଫାଇଡ୍ ମିଶିଥାଏ। ସେଥିପେଯୁଁ ଚର୍ମ କର୍ଣ୍ଣ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଯାଇଥାଏ। ଚକ୍ଚକ୍ କରୁଥିବା ରଙ୍ଗଗୁଡ଼ିକରେ ଗୁଣ୍ଡଳାଳ ମିଶିଥାଏ। ଏହାଛଡ଼ା ତରଳ ରଙ୍ଗରେ ଥିବା ଆଲାଲାଲାଲ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।

- ରଙ୍ଗ ଖେଳିବା ପୂର୍ବରୁ ଦେହରେ ସ୍ୱାସ୍ଥ୍ୟ ଅନୁମୋଦିତ ତେଲ, ସ୍କିନ୍ଲୁମ୍ ବ୍ୟବହାର କରିବା ସବୁଠାରୁ ଭଲ ।
- ରଙ୍ଗ ଛଡ଼ାଇବା ପାଇଁ କିରୋସିନ୍, ବିଭିନ୍ନ ରାସାୟନିକ ପାଉଡର ବ୍ୟବହାର କରନ୍ତୁ ନାହିଁ ।
- ରଙ୍ଗ ଖେଳ ସମୟରେ ଚର୍ମ ଓ ଆଖି ପ୍ରତି ସତର୍କ ରୁହନ୍ତୁ ।
- ଜଳାଯୋଗ୍ୟ ଜିନିଷ ଲୁଣ୍ଡେଇବା ସମସ୍ୟା ସୃଷ୍ଟି ହେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।
- ପ୍ରାୟତଃ ଦେଖାଯାଉଥିବା ରଙ୍ଗ ଖେଳ ସମୟରେ ଚେହି ଚେହି ମୁଖରେ ବିଭିନ୍ନ ତରଳ ରଙ୍ଗ ବ୍ୟବହାର କରିଥାନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଏହା ମୁଖର କୁଟି ପାଇଁ ଯେଉଁଥି କ୍ଷତିକାରକ ନହେବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।
- ରଙ୍ଗ ଖେଳ ସମୟରେ ଛୋଟ ପିଲାମାନଙ୍କୁ ସାମିଲ କରନ୍ତୁ ନାହିଁ ।
- ଆନନ୍ଦ ଓ ଭଲ ପାଇବାର ମହୋତ୍ସବର ହୋଲିରେ ଯଥାସମ୍ଭବ ନିଶାଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ ।
- ସାଧାରଣତଃ ଗଞ୍ଜ ଖାଇବା ନିଶାଦ୍ରବ୍ୟ ସେବନ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଅବସ୍ଥା ସୃଷ୍ଟି କରିଥାଏ ।
- ଆଜିକାଲି ମୁଖପଟା ରଙ୍ଗ ଲୁଣ୍ଡାଯାଉଥିବା ବିଷାକ୍ତ ରଙ୍ଗ ଲେଖକୁ ଖାଲାମ କରିଦେବା ସହ ଏହା ଚର୍ମ ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ହୋଲି ଖେଳ ସମୟରେ ରଙ୍ଗର ଗୁଣ ପ୍ରତି ଦୃଷ୍ଟି ଦିଅନ୍ତୁ ।

- ଶସ୍ତା ମୂଲ୍ୟର ରଙ୍ଗ କିମ୍ବା କେହି କେହି ବିଭିନ୍ନ ରାସାୟନିକ ପାଉଡ଼ରରେ ହାତରେ ଯେଉଁ ରଙ୍ଗ ପ୍ରସ୍ତୁତି କରିଥାନ୍ତି ଏହାର ପ୍ରସ୍ତୁତି ପ୍ରଣାଳୀ ପ୍ରତି ଦୃଷ୍ଟି ଦିଅନ୍ତୁ ।
- ରଙ୍ଗ ଖେଳକୁ ନେଇ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ କୌଣସି ଚୁଟୁକୀ ଚୁଟୁକୀ ଚିକିତ୍ସାକୁ ପ୍ରଶ୍ରୟ ନକରି ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଖାଲି ପେଟରେ ରଙ୍ଗ ଖେଳ ପାଇଁ ସମୟ ଦିଅନ୍ତୁ ନାହିଁ ।

ପରବର୍ତ୍ତୀ ସମୟରେ ଏହା ଆମମାନଙ୍କ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଥାଏ ।

- ସେହିପରି ହୋଲିରେ ରଙ୍ଗଖେଳ ସମୟରେ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ବହୁ ବିଷୟରୁ ସତର୍କ ହେବା ନିହାତି ଜରୁରୀ ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ମେଡିକାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ,

ଅଧିକ ସମୟ ଉପବାସ ହୃଦ୍‌ରୋଗର କାରଣ

ଯେ ବେବେଳେ ଲୋକମାନେ କେବଳ ଦିନର ନିର୍ଦ୍ଦିଷ୍ଟ ସମୟରେ ଖାଆନ୍ତି ଏହାକୁ ମଧ୍ୟବର୍ତ୍ତୀ ଉପବାସ ବୋଲି କୁହାଯାଉଛି। ଦିନଦିନ ଅତୀତରେ ଏହାର ଲୋକପ୍ରିୟତା ବଢିଛି। କିନ୍ତୁ ବର୍ତ୍ତମାନ ଏକ ନୂତନ ଅଧ୍ୟୟନରୁ ଅବାକ୍‌କରିଦେଇଛି ଯେ ଏହାକୁ ନେଇ ସତର୍କ ହେବାର ସମୟ ଆସିଛି, ଏହା ଜାଣିବାକୁ ମିଳିଛି ଯେ ବେଳେବେଳ ମଧ୍ୟବର୍ତ୍ତୀ ଉପବାସରେ ହୃଦଘାତରେ ମୃତ୍ୟୁ ହେବାର ସମ୍ଭାବନା ଅଧିକ। ସେମାନଙ୍କ ଚିକାଗୋରେ ଥିବା ଏକ ଆମେରିକାନ ହାର୍ଟ ଆସୋସିଏସନ ହେଡ଼ାକ୍ୱାର୍ଟରରେ ଏହି ଅନୁଷ୍ଠାନଗୁଡ଼ିକ ଇଉରୋପିୟ ଜର୍ନାଲ ଅଫ ମଧ୍ୟବର୍ତ୍ତୀ ଉପବାସର ଏକ ଲୋକପ୍ରିୟ ସଂସ୍କରଣ ଉପରେ ଧ୍ୟାନ ଦିଆଯାଇଥିଲା ଯାହାକି ଆପଣଙ୍କର ସମସ୍ତ ଖାଦ୍ୟକୁ ମାତ୍ର ୮ଘଣ୍ଟା ଭିତରେ ଖାଇବା ଦ୍ୱାରା ଦିନ ସମୟ ମଧ୍ୟରେ ହ୍ରାସ କରାଯାଇଥାଏ। ଫଳସ୍ୱରୂପ ଅତି କମରେ ଦୈନିକ ୧୬ଘଣ୍ଟା ଉପବାସ, ସାଧାରଣତଃ ଏହାକୁ ଟାଇମ ରେଷ୍ଟ୍ରିକ୍ଟେଡ ଇଟିଙ୍ଗ ବୋଲି କୁହାଯାଏ।

ଏହି ଅଧ୍ୟୟନରେ ସମସ୍ତ ମୃତ୍ୟୁହାରଙ୍କୁରେ ୨୦,୦୦୦ ବୟସ୍କ ବ୍ୟକ୍ତିଙ୍କ ଖାଦ୍ୟପେସ ଅଭ୍ୟାସ ଉପରେ ତଥ୍ୟ ଦିଏଣ୍ଟେଜ କରାଯାଇଥିଲା ଏହି ତଥ୍ୟ ୨୦୦୩ରୁ ୨୦୧୮ ପର୍ଯ୍ୟନ୍ତ ସଂଗ୍ରହ କରାଯାଇଥିଲା। ସେଇମାନେ ପ୍ରତ୍ୟେକ ଦିନ ୧୨ ରୁ ୧୬ ଘଣ୍ଟା ମଧ୍ୟରେ ସେମାନଙ୍କ ଖାଦ୍ୟ ଖାଇବାର ଏକ ପାଇଟାଲିକ ଖାଦ୍ୟପେସ ଅନୁସରଣ କରିଥିଲେ। ସେମାନଙ୍କ ତୁଳନାରେ ଯେଉଁମାନେ ୮ ଘଣ୍ଟା ଖାଇବା ଯୋଜନା ପାଳନ କରୁଥିଲେ ସେମାନଙ୍କର ହୃଦଘାତରେ ମୃତ୍ୟୁ ହେବାର ଆଶଙ୍କା ୯୧ ପ୍ରତିଶତ ଅଧିକ।

ଟେଲିକାଲିଫର୍ନିଆମାନେ ଜାଣିବାକୁ ପାଇଲେ ଯେ ଏହି ଦ୍ରୁତଗତି ଦିପଦ ସେହି ଲୋକମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ, ଯେଉଁମାନେ ପୂର୍ବରୁ ଏକ ଭୁଲିକ ରୋଗ ଦ୍ୱାରା ଜର୍ଜର ହୋଇସାରି ଅଛନ୍ତି। ହୃଦରୋଗରେ ଆକ୍ରାନ୍ତ ବ୍ୟକ୍ତି, ଯେଉଁମାନେ ସମୟ ସୀମିତ ଖାଇବା ପଦ୍ଧତିକୁ ଅନୁସରଣ କରିଥିଲେ, ହୃଦଘାତ କିମ୍ବା ଷ୍ଟ୍ରୋକରେ ମୃତ୍ୟୁ ହେବାର ଆଶଙ୍କା ୬୬ ପ୍ରତିଶତ ଅଧିକ ଥିଲା। ଯେଉଁମାନେ ଏହି ସମୟରେ କର୍ଡିଟ ରୋଗରେ ଆକ୍ରାନ୍ତ ହୋଇଥିଲେ, ଯଦି ସେମାନେ ଦିନକୁ ଅତି କମରେ ୧୨ ଘଣ୍ଟା ଖାଇବା ସମୟ ଅନୁସରଣ କରୁଥିଲେ କର୍ଡିଟ ରୋଗାକ୍ରାନ୍ତ ମୃତ୍ୟୁନାରେ ସାମିଲ ସମୟର ଖାଦ୍ୟ ଖାଇବା ପଦ୍ଧତି ଅନୁସରଣ କରନ୍ତି ତେବେ ଏହି ରୋଗରେ ମଧ୍ୟ ହେବାର ସମ୍ଭାବନା ଅଛି। ଅଧ୍ୟୟନ ପରବର୍ତ୍ତରୁ ଜଣାଯାଇଛି ଯେ ଯେଉଁମାନେ ଦୀର୍ଘ ସମୟ ଧରି ମଧ୍ୟବର୍ତ୍ତୀ ଉପବାସ ଅଭ୍ୟାସ କରନ୍ତି, ବିଶେଷକରି ଦୁଇଘଣ୍ଟା କିମ୍ବା କର୍ଡିଟ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ଅଧିକାଂଶ ସତର୍କ ହେବା ଜରୁରି? ହୋଲି ଏପିଡେମୋଲୋଜି ଏବଂ ବାୟୋଷ୍ଟାଟିଷ୍ଟିକ ବିଭାଗର ମୁଖ୍ୟ ଲେଖକ ଡକ୍ଟର ଲିକ୍ସେନ ଷ୍ଟେଙ୍ଗ୍ ଲେଖକ କହିଛନ୍ତି। ଯେ ଲି ଡାଇନାମିକ ସାଂଘାତିକ ଜିଆସ ମୋଟ ଯୁନିଭର୍ସିଟିର ଷ୍ଟୁଡ଼ି ଅଫ ମେଡିସିନରେ ଜାଣିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନର ପ୍ରମାଣକୁ ଭିତ୍ତି କରି ଲୋକମାନେ ଯାହା ଖାଉଛନ୍ତି ତାହା ଉପରେ ଧ୍ୟାନ ଦେବା ଅପେକ୍ଷା ସେମାନେ କେଉଁ ସମୟରେ ଖାଉଛନ୍ତି ତାହା ଉପରେ ଧ୍ୟାନ ଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୨୪ ମାର୍ଚ୍ଚ ୨୦୨୪

ମାଛ ଭଜା

ନବ ବର୍ଷର ଉପହାର ସ୍ୱରୂପ ବିଗତ ବର୍ଷ ବିଧାୟକ ନେତାର ଅବ୍ୟବହିତ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ଗ୍ରହଣ କରିଥିବା ଏକ ନିଷ୍ପତ୍ତି ଯଦି ଦେଶର ୮୧ କୋଟିରୁ ଅଧିକ ହିତାଧିକାରୀମାନଙ୍କୁ ଖୁସି କରୁଥିବ, ତାହା ସରକାରଙ୍କର ବିରୋଧୀମାନଙ୍କ ପାଇଁ ମଧ୍ୟ ସରକାରଙ୍କୁ ଆକ୍ରମଣ କରିବା ପାଇଁ ଏକ ଆୟୁଧ ରୂପେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିବ । ଜାତୀୟ ଖାଦ୍ୟ ନିରାପତ୍ତା ଆଇନ (‘ଏନ୍‌ଏଫ୍‌ଏସ୍‌ଏ’) ଅନୁସାରେ ବଣ୍ଟନ କରାଯାଉଥିବା ଖାଦ୍ୟଶସ୍ୟ ପାଇଁ ଏହି ହିତାଧିକାରୀମାନେ ଏପର୍ଯ୍ୟନ୍ତ ଯେଉଁ ନାମମାତ୍ର ମୂଲ୍ୟ ପୈଠ କରୁଥିଲେ, ୨୦୨୩ରେ ସେମାନଙ୍କୁ ତାହା ମଧ୍ୟ ପୈଠ କରିବାକୁ ପଡ଼ିବ ନାହିଁ- ପୂରା ମାଗଣା । ସରକାର ଏହା ଦ୍ୱାରା ଏହି ବିଶାଳ ସଂଖ୍ୟକ ହିତାଧିକାରୀମାନଙ୍କ ଆନୁପାତିକ ଲାଭ କରିବାକୁ ନିଶ୍ଚିତ ରୂପେ ଲକ୍ଷ୍ୟ ରଖୁଥିବେ । ବିରୋଧୀ ପକ୍ଷ କିନ୍ତୁ ଏହାକୁ ଏକ ତୁମଗାଙ୍କ୍ ଭଳି ସରକାରଙ୍କ ବିରୋଧରେ ପ୍ରୟୋଗ କରିବାର ସୁଯୋଗକୁ ଛେଡ଼େ ହେଲେ ହାତଛଡ଼ା କରିବେ ନାହିଁ । ପ୍ରଥମ, ପ୍ରଧାନମନ୍ତ୍ରୀ ମୋଦୀ ଗତ ବର୍ଷ ଯେଉଁ ମାଗଣା ବଣ୍ଟନ ରାଜନୀତିକୁ ଭର୍ତ୍ସନା କରି ‘ରେବଡ଼ି ବଣ୍ଟନ’ ଆଖ୍ୟା ଦେଇଥିଲେ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ମାଗଣା ଖାଦ୍ୟଶସ୍ୟ ବଣ୍ଟନ ଠିକ୍ ? ତାହା ନୁହେଁ କି ? ଦ୍ୱିତୀୟ, ଜେତେକ କମ୍ୟୁନିଷ୍ଟ ନେତା କହିବାକୁ ଆରମ୍ଭ କରିଥିବା ଭଳି, ଏଭଳି ମାଗଣା ଖାଦ୍ୟଶସ୍ୟ ବଣ୍ଟନର ଆବଶ୍ୟକତା ପ୍ରମାଣ କରିଥାଏ ଯେ ଦେଶରେ ବ୍ୟାପକ ବେକାରି ଓ ବେରୋଜଗାରି ରାଜୁତି କରୁଛି, ଯାହା ପ୍ରଧାନମନ୍ତ୍ରୀ ନିଜ ବୁଝାରେ ସ୍ୱୀକାର କରୁନାହାନ୍ତି ।କିନ୍ତୁ ଏ ସମସ୍ତ ବିତର୍କକୁ ଯଦି ଭେଦ କରି ଦେଖାଯାଏ, ତେବେ ଯାହା ଦୃଷ୍ଟିଗୋଚର ହୋଇଥାଏ, ତାହା ହେଲା ଏହି ମାଗଣା ବ[ନ ପାଇଁ ସରକାର କେଉଁ ଜେ ?ଶକ ଅବଲମ୍ବନ କରିବାକୁ ପଡୁଥାଉଛନ୍ତି, ତାହା ହେଉଛି- ମାଛ ଭେଲରେ ମାଛ ଭାଜିବା । ଜାରଣ, ଏହି ମାଗଣା ବ[ନ ଘୋଷଣା ସହିତ ସରକାର ରୂପ୍ ?ତାପ୍ ? ଅନ୍ୟ ଯେଉଁ ଏକ ଅନୁରୂପ ଯୋଜନାର ଅନ୍ତ ଘଟାଇ ଦେଇଛନ୍ତି, ତାହା ହେଲା ‘ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା’, ଯାହା ଅଧୀନରେ ସେଇ ହିତାଧିକାରୀମାନେ ଦୁଇ ପ୍ରତି ମାସରେ ଅତିରିକ୍ତ ୫ କିଲ୍ଲା ଲେଖାଏଁ ଖାଦ୍ୟଶସ୍ୟ ମାଗଣାରେ ପାଇ ପାରୁଥିଲେ । କୋଭିଡ୍‌ର ପ୍ରଥମ ଲହରୀର ଆବିର୍ଭାବ ପରେ ପରେ ୨୦୨୦ ଏପ୍ରିଲ୍‌ରେ ଆରମ୍ଭ କରାଯାଇଥିବା ଏହି ଯୋଜନା ବାବଦରେ ସରକାରଙ୍କୁ ଏ ଯାବତ୍ ପ୍ରାୟ ୩.୯ ଲକ୍ଷ କୋଟି ଟଙ୍କାର ବ୍ୟୟ ଭାର ବହନ କରିବାକୁ ପଡ଼ି ସାରିଲାଣି । ସେହି ଯୋଜନାକୁ ଯଦି ଆଉ ଏକ ବର୍ଷ ଜାକ ବଳବତ୍ତର ରଖାଯାଇଥାନ୍ତା, ତେବେ ସରକାରଙ୍କୁ ସେ ବାବଦରେ ଆଉ ୧.୬-୧.୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ନ୍ତା । ସେ ତୁଳନାରେ ‘ଏନ୍ ?ଏଫ୍‌ଏସ୍‌ଏ’ ମାଧ୍ୟମରେ କରାଯାଉଥିବା ବଣ୍ଟନକୁ ସମ୍ପୂର୍ଣ୍ଣ ମାଗଣା କରି ଦିଆଯିବା ଦ୍ୱାରା ଚଳିତ ବର୍ଷ ସରକାରଙ୍କୁ ୨୦,୦୦୦ କୋଟି ଟଙ୍କାର ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ ।‘ଏଏଏଫ୍‌ଏସ୍‌ଏ’ ଅଧୀନରେ ଗହମ କିଲୋଗ୍ରାମ ପିଛା ୨ ଟଙ୍କା, ଚାଉଳ କିଲ୍ଲା ୩ ଟଙ୍କା ଓ ଅନ୍ୟାନ୍ୟ ମୋଟା ଶସ୍ୟ କିଲ୍ଲା ୧ ଟଙ୍କା ହିସାବରେ ହିତାଧିକାରୀମାନେ ମାସକୁ ସର୍ବୋଚ୍ଚ ମୁଣ୍ଡ ପିଛା ୫ କିଲ୍ଲା ଶସ୍ୟ ପାଇ ପାରିଥାନ୍ତି । ଏହା ବ୍ୟତୀତ ‘ଅନ୍ତ୍ୟୋଦୟ ଅନ୍ନ ଯୋଜନା’ ମାଧ୍ୟମରେ ଅତ୍ୟନ୍ତ ଗରିବ ପରିବାରମାନ ସେଇ ବରରେ ମାସକୁ ୩୫ କିଲ୍ଲା ଶସ୍ୟ ମଧ୍ୟ ପାଇପାରିଥାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୩ରେ ତତ୍ ?ଜାଳାନ ‘ୟୁପିଏ’ ସରକାର ଯେତେବେଳେ ‘ଏନ୍ ?ଏଫ୍ ?ଏସ୍ ?ଏ’ ଆଇନ ପ୍ରଣ[ନ କରିଥିଲେ, ସେତେବେଳେ ଏକ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା ଯେ ବ[ନ କରାଯାଉଥିବା ଶସ୍ୟାଦି ଅର୍ଥନେ ?ତିକ ଖର୍ଚ୍ଚ (ଇକନୋମିକ୍ ? କଷ୍ଟ ?) ସହିତ ତାଳମେଳ ରକ୍ଷା କରାଯାଇ ହିତାଧିକାରୀମାନଙ୍କ ପାଇଁ ତାହାର ବିକ୍ରୟ ଦର (ଇସ୍ୟୁ ପ୍ରାଇସ୍ ?)ରେ ନିୟମିତ ପରିବ[ନ କରାଯିବ । ସୂଚନାଗୋଚ୍ୟ, ଫସ୍ତୁଲର ସବସିଡ଼ିସହାୟକର (ଏମ୍ ?ଏସ୍ ?ପି), ଗୋଦାମରେ ସାଇତିବା ଖର୍ଚ୍ଚ, ପରିବହନ ଖର୍ଚ୍ଚ ଓ ବିତରଣ ଖର୍ଚ୍ଚ ଆଦି ଅର୍ଥନେ ?ତିକ ଖର୍ଚ୍ଚରେ ଅନ୍ତର୍ଭୁକ୍ତ ହୋଇଥାଏ । କହିବା ବାହୁଲ୍ୟ ଏହି ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଫସ୍ତୁସ୍ଥାତ ଶସ୍ୟାଦି ଅର୍ଥନେ ?ତିକ ଖର୍ଚ୍ଚରେ ଅନବରତ ବୃଦ୍ଧି ଘଟି ଚାଲିଥିବା ବେଳେ ତାହାର ବିକ୍ରୟ ଦରରେ ସେଇ ଅନୁପାତୀ ହେବେହେଲେ ପୁନଃ ନିର୍ଦ୍ଧାରଣ ଘଟି ନାହିଁ । ଏଥିଯୋଗୁଁ ଏହି ଦୁଇ ମୂଲ୍ୟ ମଧ୍ୟରେ ତଫାତ୍ ?ର ମାତ୍ରା ନିରବଚ୍ଛିନ୍ନ ଭାବରେ ବୃଦ୍ଧି ପାଇ ଚାଲିଛି ।ଉଦାହରଣ ସ୍ୱରୂପ ଗହମ ପାଇଁ ୨୦୧୩ ବିତବର୍ଷରେ ଏହି ତଫାତ୍ ?ର ଆକାର ଟ୍ରିଟମ୍ଭ୍ ? ପିଛା ୨,୩୦୫ ଟଙ୍କା ଥିବା ବେଳେ ୨୦୨୩ବିତବର୍ଷପାଇଁତାହା ବୃଦ୍ଧି ପାଇ ହୋଇଛି୩,୬୭୦ ଟଙ୍କା । ଏହା ସରକାର ପ୍ରଦାନ କରୁଥିବା ଖାଦ୍ୟ ସବ୍ ?ସିଡି ବୋଝରେ ଲଗାତାର ବୃଦ୍ଧି ଘଟାଇ ଚାଲିଛି । ଏହାର ଏକ ଉଦାହରଣ ସ୍ୱରୂପ ୨୦୧୯ ବିତ ବର୍ଷରେ ଖାଦ୍ୟ ସବ୍ ?ସିଡିର ଆକାର ୧ ଲକ୍ଷ କୋଟି ଟଙ୍କା ଥିବା ବେଳେ ୨୦୨୧ରେ ତାହା ହୋଇଥିଲା ୫.୪୯ ଲକ୍ଷ କୋଟି ଟଙ୍କା (ଏଥିରେ ଏ ବାବଦରେ ସରକାର କରିଥିବା ୩.୪ ଲକ୍ଷ କୋଟି ଟଙ୍କାର ଋଣ ପରିଶୋଧ ଅନ୍ତର୍ଭୁକ୍ତ) । ୨୦୨୨ ବିତ ବର୍ଷରେ ଖାଦ୍ୟ ସବ୍‌ସିଡି ଥିଲା ଏକ ଭଳା ୨.୮୬ ଲକ୍ଷ କୋଟି ଟଙ୍କା । ଚଳିତ ବିତ ବର୍ଷପାଇଁ ବଜେଟ୍‌ରେ ୨.୦୬ ଲକ୍ଷ କୋଟି ଟଙ୍କାର ଖାଦ୍ୟ ସବ୍‌ସିଡି ନିମିତ୍ତ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଶେଷରେ ୨.୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଅନୁମାନ କରାଯାଇଛି । ଏକ ବିଶାଳ ବଟପତ୍ରଷ୍ଟକ୍ ସୃଷ୍ଟି କରିବା ଦ୍ୱାରା ଏହି ବୋଝରେ ବୃଦ୍ଧି ଘଟି ଚାଲିଛି । ଏହି ବିଶାଳ ଖାଦ୍ୟ ସବ୍ ?ସିଡି ଯୋଗୁଁ ସରକାରଙ୍କର ବିତୀୟ ନିଅଣ୍ଟ ସୀମାତିକ୍ରମ କରି ମୁଣ୍ଡ ବିଞ୍ଚାର କାରଣ ହେଉଛି । ଏହି ପୃଷ୍ଠଭୂମିରେ ‘ଗରିବ କଲ୍ୟାଣ ଅନ୍ନ ଯୋଜନା’ ଅପରିହାର୍ଯ୍ୟ ହୋଇଥିଲେ ହେଁ ସରକାରଙ୍କ ପାଇଁ ଏକ ଅସହନୀୟ ବୋଝ ସୃଷ୍ଟି କରିଥିଲା । ଅତୀତରେ ଅନେକ ଥର ଏହାର ଅବଧି ସମାପ୍ତ ହେବାକୁ ଥିଲେ ହେଁ, କୋଭିଡ୍ ଗ୍ରସ୍ତ ସମାଜର ଦୁର୍ବଳ ଶ୍ରେଣୀଙ୍କର ସୁରକ୍ଷା ଦୃଷ୍ଟିକୁ ଏହାକୁ ଏପ୍ରସାରିତ କରା ହୋଇ ଚାଲିଥିଲା । ଶେଷ ଥର ପାଇଁ ଏହି ମାଗଣା ଖାଦ୍ୟଶସ୍ୟ ଯୋଜନାକୁ ବିସେସର ଶେଷ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଥିଲା । ଏଥର ସେଥିରେ ସମାପ୍ତି ଘଟିଛି । କିନ୍ତୁ କୋଭିଡ୍ ମହାମାରି ଏହି ଖାଦ୍ୟ ଯୋଗାଣ ଯୋଜନାରେ ସିନା ଅନ୍ତ ଘଟିଲା, ଜନସାଧାରଣ ଓ ବିଶେଷ କରି ଅର୍ଥନେ ?ତିକ ଦୁର୍ବଳ ବର୍ଗର ଜନସାଧାରଣ ଏ ପର୍ଯ୍ୟନ୍ତ ନିଜର କୋଭିଡ୍ ପୂର୍ବର ସ୍ଥିତିକୁ ଫେରି ପାରିନାହାନ୍ତି । ଏହାର ଏକ ପ୍ରମାଣ ସ୍ୱରୂପ ଦେଖାଗଲାଣି ଯେ ଏକ ଜଳାଣି ସ୍ରୋତ ସ୍ୱରୂପ ସହରରେ କାମଧନ୍ଦା ନ ପାଇ ଗାଁ ଗଣ୍ଡାରୁ ଆସିଥିବା ଜୀବିକା ସନ୍ଧାନମାନେ ପୁଣି ଗାଁ ଅଭିମୁଖେ ଫେରିବାକୁ ଲାଗିଛନ୍ତି (ଏହା ଅର୍ଥନୀତିଜ୍ଞ ସାମନ୍ତ କୁଇନେଟ୍‌ସଙ୍କର ପ୍ରସିଦ୍ଧ ‘କ୍ଷେତ୍ରୀୟ ସ୍ଥାନାନ୍ତରଣ’ ତତ୍ତ୍ୱର ବିରୋଧାଚରଣ କରିଥାଏ) ।

ନିର୍ବାଚନୀ ବଣ୍ଡ୍ ଆଣିବ କି ନିର୍ବାଚନୀ ଭୂକମ୍ପ ?

ନିର୍ବାଚନୀ ବଣ୍ଡ୍ ନେଇ ଚାଞ୍ଚଲ୍ୟକର ତଥ୍ୟ ପ୍ରସଟ ଚଳିତ ନିର୍ବାଚନର ମୋଡ଼ ବଦଳାଇଦେଇପାରେ । କିନ୍ତୁ ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ଏ ନେଇ ସଠିକ୍ ପ୍ରଶ୍ନ ଓ ପ୍ରକୃତ ଉତର ଦେଶବାସୀଙ୍କ ପାଖରେ ପହଁଚି । ଯଦି ଜନସାଧାରଣ ବୁଝିବେ ଯେ ଏହି ଯୋଜନା ରାଜନୀତିରେ କଳାଟଙ୍କା ହଟାଇବା ପାଇଁ ନୁହେଁ, ବରଂ ତାହାକୁ ଧଳା କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଯଦି ଜନସାଧାରଣଙ୍କୁ ଜଣା ପଡ଼ିଯାଏ ଯେ ନିର୍ବାଚନୀ ବଣ୍ଡ୍ ତଥ୍ୟକୁ ଲୁଚାଇବା ପାଇଁ ସରକାର କେତେ ପ୍ରୟାସ କରିଛନ୍ତି । ଯଦି ଦିନ ଦିପ୍ରହରରେ ହୋଇଥିବା ଏହି ଡକାୟତି ବିଷୟରେ ସଂପୂର୍ଣ୍ଣ ସତ୍ୟ ପ୍ରକାଶ ପାଏ, ତେବେ ବୋଫର୍ସ କି ୨-ଜି ପରି ଭ୍ରଷ୍ଟାଚାର ମାମଲା ତା' ଆଗରେ ପିଲାଖେଳ ପରି ଦେଖାଯିବ । ବୋଫର୍ସରେ ଅନୁସନ୍ଧାନକାରୀ ପତ୍ରକାରମାନେ ଯେଉଁ ୬୪ କୋଟି ଟଙ୍କା ଲାଞ୍ଚର ଆରୋପ ଲଗାଇଥିଲେ, ତାହାକୁ ସରକାର କେବେ ସ୍ୱୀକାର କରିନାହାନ୍ତି କି ଅଦାଲତରେ ତାହା ପ୍ରମାଣିତ ବି ହୋଇପାରିନାହିଁ । ୟୁପିଏ ସରକାର ଅମଳରେ ୨-ଜି ଦୁର୍ନୀତିର ଆରୋପ ସିଏଜିଙ୍କର ଆକଳନ ଉପରେ ଆଧାରିତ ଥିଲା ଏବଂ ତାହା ମଧ୍ୟ ଅଦାଲତରେ ପ୍ରମାଣିତ ହୋଇପାରିଲା ନାହିଁ । ନିର୍ବାଚନୀ ବଣ୍ଡ୍ ? ମାମଲା ତ ଅଦାଲତଙ୍କ ଆବେଶାଧୀନ ଅଛି । ଏଥିରେ ପ୍ରମାଣ ଖୋଜିବାର କୌଣସି ଆବଶ୍ୟକତା ନାହିଁ- ପୂରା ସତ ସମ୍ମୁଖରେ ସାମନାରେ ଅଛି । ଏହି ନିର୍ବାଚନୀ ବଣ୍ଡ୍ କେଳେଙ୍କାରୀରେ କେତେ ଟଙ୍କା ସଂଗ୍ରହ କରାଯାଇଛି, ତାହା ଅସଲ ପ୍ରଶ୍ନ ନୁହେଁ । ତଥାପି ବର୍ତ୍ତମାନ ସୁଦ୍ଧା ଘୋଷିତ ୧୬,୫୧୮ କୋଟି ଟଙ୍କା ଏକ ବିପୁଳ ପରିମାଣ । ଏକଥା ବୁଝିବୁ ଯେ, ପାଁ ବର୍ଷର ଅବଧି ଭିତରେ ଏହି ଯୋଜନା ମାଧ୍ୟମରେ ପ୍ରତି ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୩୦ କୋଟି ଟଙ୍କା ସଂଗ୍ରହ କରାଯାଇଛି । ଅର୍ଥାତ୍ ? କେବଳ ଏହି ଯୋଜନା ମାଧ୍ୟମରେ ସଂଗୃହୀତ ଅର୍ଥ ଗୋଟିଏ ଲୋକସଭା ନିର୍ବାଚନୀମଣ୍ଡଳୀ ଏବଂ ତାହା ଭାଗରେ ପଡୁଥିବା ପ୍ରାୟ ୭ଟି ବିଧାନସଭାମଣ୍ଡଳୀ ପାଇଁ ପ୍ରତି କ୍ଷେତ୍ରରେ ପ୍ରାୟ ୧୦ ଜଣ ପ୍ରାର୍ଥୀଙ୍କର ସର୍ବାଧୁନିକ ନିର୍ବାଚନୀ ଖର୍ଚ୍ଚାବୁ ବି ଅଧିକ ହେବ । ତଥାପି ଏହି ଅର୍ଥ ପରିମାଣ ସବୁଠୁ ବଡ଼ ପ୍ରଶ୍ନ ନୁହେଁ । ତଥାପି ବର୍ତ୍ତମାନ ସୁଦ୍ଧା ଘୋଷିତ ୧୬,୫୧୮ କୋଟି ଟଙ୍କା ଏକ ଛୋଟ ଅଂଶ, ଅଟାରେ ମିଶୁଥିବା ଲୁଣ ସଦୃଶ । ପ୍ରକୃତ ଦୁର୍ନୀତି କେବଳ ୧୬,୫୧୮ କୋଟି ଟଙ୍କା ନୁହେଁ । ଏହା ତ ରାଜନୀତି ଧରାର ଏପରି ଏକ ଛୋଟ ଅଂଶ, ଯାହା ସଂଘୋଷବଶତଃ ଆଜନ ନଜରରେ ଧରାପଡ଼ିଛି । ପୂରା ରାଶି ତ ଲକ୍ଷ ଲକ୍ଷ କୋଟି ଟଙ୍କା ହେବ । ପ୍ରକୃତ ପ୍ରଶ୍ନ ହେଉଛି ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ସଂଗୃହୀତ ହୋଇଥିବା କେତେ ଟଙ୍କା ବିଜେପିକୁ ମିଳିଛି । ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନାନୁଯାୟୀ, ବିଜେପିକୁ ୮,୨୫୦ କୋଟି ଟଙ୍କାର ବଣ୍ଡ୍ ମିଳିଛି । ଅର୍ଥାତ୍ ଅନ୍ୟ ସମସ୍ତ ରାଜନୈତିକ ଦଳକୁ ମିଳିତ ଭାବରେ ଯେତିକି ଟଙ୍କା ମିଳିଛି, ହେବକ ବିଜେପି ଏକୁଟିଆ ସେତିକି ପାଇଛି । ଏହା ବିଜେପିକୁ ମିଳିଥିବା ଭୋଟ୍‌ର ଅନୁପାତ କି ଦେଶରେ ବିଜେପି ସାଂସଦ ଓ ବିଧାୟକଙ୍କ ଅନୁପାତ ତୁଳନାରେ ଯଥେଷ୍ଟ ଅଧିକ । ଯଦି ପ୍ରତି ପ୍ରାର୍ଥୀ ଦୃଷ୍ଟିରୁ ଦେଖିବା, ତେବେ ବିରୋଧୀ ଦଳମାନଙ୍କର ପ୍ରତ୍ୟେକ ପ୍ରାର୍ଥୀଙ୍କ ଠାରୁ ବିଜେପି ପ୍ରାର୍ଥୀଙ୍କ ପାଖରେ ଢେର ଗୁଣା ଅଧିକ ନିର୍ବାଚନ ପାଣ୍ଠି ରହିଥିଲା । ଯଦି ସେଥିରେ ନିର୍ବାଚନୀ ଟ୍ରଷ୍ଟ ? ମାଧ୍ୟମରେ ମିଳିଥିବା ଟଙ୍କାକୁ ଯୋଡ଼ିଦିଆଯାଏ ଏବଂ ପିଏମ୍ କେୟାର ନାମକ ଦୁର୍ନୀତି ପାଣ୍ଠିକୁ ବି ଯୋଡ଼ି ଦିଆଯାଏ, ତା'ହେଲେ ବିଜେପିର ନିର୍ବାଚନ ପାଣ୍ଠି ତମାମ ବିରୋଧୀ ଦଳଙ୍କ ଠାରୁ ଢେରେଗୁଣ ଅଧିକ ହେବ । ତଥାପି ଏଇଟା ବି ଅସଲ ପ୍ରଶ୍ନ ନୁହେଁ । ପ୍ରକୃତ ପ୍ରଶ୍ନଟି ହେଉଛି- ସବୁ ନିୟମ ଓ ମର୍ଯ୍ୟାଦାକୁ ବାଜିରେ ଲଗାଇ ନିର୍ବାଚନୀ ବଣ୍ଡ୍ ଢେଉଁଭଳି ଭାବେ ସଂଗ୍ରହ କରାଯାଇଥିଲା କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ତମାମ ସଂସ୍ଥାକୁ ବ୍ୟବହାର କରି ଏହି ନିର୍ବାଚନ ଦାନ ସଂଗ୍ରହ ବ୍ୟବସାୟ କରାଯାଇଥିଲା । ଏହା ଯୋଜନାର ବୁଦ୍ଧୁପଯୋଗ ନଥିଲା । ସତକଥାଟି ହେଉଛି- ଏହି କାମ ପାଇଁ ହିଁ ଏହି ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହାକୁ ପ୍ରସ୍ତୁତ କରିବା ଲାଗି ସଂବିଧାନକୁ ଅମାନ୍ୟ କରାଯାଇଥିଲା । ଏବଂ ସୁପ୍ରିମ୍ କୋର୍ଟ ଏହା ଉପରେ ଯେତେବେଳେ ଅଙ୍ଗୁଳି ଉଠାଇଲେ, ସେତେବେଳେ ପ୍ରତ୍ୟେକ ସରକାରୀ ସଂସ୍ଥାକୁ ବ୍ୟବହାର କରି ଏହାର ସତ୍ୟତାକୁ ଲୁଚାଇବାର ପ୍ରଚେଷ୍ଟା କରାଯାଇଥିଲା । ଏହା କେବଳ ଏକ ବିଚାର ରାଜନୈତିକ ଭ୍ରଷ୍ଟାଚାର ମାମଲା ନୁହେଁ । ଏହା ହେଉଛି ଦୁର୍ନୀତିକୁ ଆଇନର ଜାମା ପିନ୍ଧାଇ ଦିନ ଦ୍ୱିପ୍ରହରରେ ଡକାୟତିକୁ ସ୍ୱାଭାବିକ ଆଚରଣ କରାଇବାର ମାମଲା । ଏ ଦୃଷ୍ଟିରୁ ଏହା ହେଉଛି ସ୍ୱାଧୀନ ଭାରତ ଇତିହାସର ସବୁଠୁ ବଡ଼ ଦୁର୍ନୀତି । ଏହି ଡକାୟତିର ଛେଡେକ ଉଦାହରଣକୁ ଲକ୍ଷ୍ୟ କରନ୍ତୁ । ୨୦୨୨ ଏପ୍ରିଲ ୨ରେ ପ୍ରବର୍ତ୍ତନ ନିର୍ଦ୍ଦେଶାତ୍ମକ ମ୍ୟୁଚର ଗେମିଂ ନାମକ ଏକ ଲଟରି କମ୍ପାନି ଉପରେ ଚଢ଼ଉ କରିଥିଲେ । ତାହାର ୫ ଦିନ ପରେ କମ୍ପାନି ୧୦୦ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ୍ କିଣିଛି । ସେହିପରି ଡକ୍ଟର ରେଡ୍ଡି ନାମକ ସଂସ୍ଥା ଉପରେ ୨୦୨୩ ନଭେମ୍ବର ୧୩ ତାରିଖରେ ଆୟକର ଚଢ଼ଉ ହୋଇଥିଲା ଏବଂ ନଭେମ୍ବର ୧୭ ତାରିଖରେ ଏହା ୨୧ କୋଟି ଟଙ୍କା ମୂଲ୍ୟର ବଣ୍ଡ୍ ? କ୍ରୟ କରିଥିଲା । ସେହିପରି ଭାବରେ ବଣ୍ଡ୍ କିଣିବା ସହିତ ତାହାର ଭୁକ୍ତିକୁ ଯୋଡ଼ିବାର ଉଦାହରଣ ଦେଖାଗୁ । ସି. ଏମ୍. ରମେଶ ପୂର୍ବରୁ ଜଣେ ଟିଡିପି ନେତା ଥିଲେ, ଯେତେବେଳେ ତାଙ୍କ କମ୍ପାନି 'ଯତିକ ପ୍ରୋଜେକ୍ଟ' ଉପରେ ଚଢ଼ଉ କରାଯାଇଥିଲା । ତା'ପରେ ସେ ବିଜେପିରେ ଯୋଗ ଦେଇ ୪୫ କୋଟି ଟଙ୍କାର ବଣ୍ଡ୍ ? କିଣିଥିଲେ । ଆବିଦ୍ୟ ବିଲ୍ଡି ଗ୍ରୁପ୍ ୫୩୪ କୋଟି ଟଙ୍କା ମୂଲ୍ୟର ବଣ୍ଡ୍ କ୍ରୟ କରିଛି । ସେହି ଗ୍ରୁପ୍ ?ର ପ୍ରାରିମ୍ ? ନାମକ କମ୍ପାନି ୩୩ କୋଟି ଟଙ୍କାର ବଣ୍ଡ୍ ନେଇଛି । ସରକାର ଆଟି ଡୋଫି କର ହଟାଇଦେବେ, ଯଦ୍ୟପି କମ୍ପାନିର ପ୍ରବଳ ଲାଭ ହୋଇଥିଲା । ଏଥିପରେ କମ୍ପାନିକୁ ହିମାଚଳ ପ୍ରଦେଶରେ ୧୦୯୮ କୋଟି ଟଙ୍କା ମୂଲ୍ୟର ବିଦ୍ୟୁତ୍ ପ୍ରକଳ୍ପର ଠୁକି ମିଳିଥିଲା । ସେହିଭଳି ଛେଡେଙ୍ଗର କମ୍ପାନି ଜିନ୍ସ ଜିନ୍ସ ନାମରେ ୬୧୭ କୋଟି ଟଙ୍କା ମୂଲ୍ୟର ବଣ୍ଡ୍ କିଣିଥିବା ବେଳେ କମ୍ପାନିର ମୋଟ ଲାଭ ୧୦ କୋଟି ଟଙ୍କା ବି ନୁହେଁ ଏବଂ ଏହି ବଣ୍ଡ୍ ଢେଉଁ ଦଳକୁ ଦିଆଯାଇଛି ତାହା ବର୍ତ୍ତମାନ ସୁଦ୍ଧା ଖିପଚାଳିକ ଭାବରେ ଜଣାପଡ଼ିନଥିଲେ ବି ସେହି ଅର୍ଥର ସିଂହଭାଗ ବିଜେପି ଖାତାକୁ ଯାଇଥାଇପାରେ ବୋଲି ଅନୁମାନ କରିବା ଲଜ୍ଜକର ନୁହେଁ । ପ୍ରତିଦିନ ଏହି ମହାଦୁର୍ନୀତିର ନୂଆ ନୂଆ ଦିଗ ଉନ୍ମୋଚିତ ହେବାରେ ଲାଗିଛି । ସେହିଭଳି ସରକାର ମଧ୍ୟ ଏହି ସତ୍ୟକୁ ଏଡ଼ାଇବାକୁ ଅଥବା ଲୁଚାଇବାକୁ ଚେଷ୍ଟା କରୁଛନ୍ତି । ସୁପ୍ରିମ୍ କୋର୍ଟଙ୍କ ଉତ୍ତରୁ ସଶମାଧମମାନେ ଏହି ଖବରକୁ ଛିଣ୍ଡିମାଡ଼ାରେ ସ୍ଥାନ ଦେଇଛନ୍ତି, କିନ୍ତୁ ଆନ୍ଧ୍ର ହଜାରେଙ୍କ ସମୟରେ ଯେପରି ଭ୍ରଷ୍ଟାଚାର ଅଭିଯୋଗ ଜନସାଧାରଣଙ୍କ ନିଜରେରେ ବିନରୁ ୨୪ ଘଣ୍ଟା ଧରି ଖୋଲାଖୋଲି ଭାବେ ଖବର ଦେଉଥିଲେ ହେବଯାଇ, ସେଭଳି କରିବାର ସାହସ କାହାର ନାହିଁ । ସେଥିପାଇଁ ଏବେ ବି ଏକ ବହୁତ ଛୋଟ ବର୍ଗ ହିଁ ଏହି ଜାଷ୍ଟ ବାବଦରେ ସୂଚନା ପାଇଛନ୍ତି । ଯଦି 'ଇଣ୍ଡିଆ' ମେଟ୍ ଏହି ଦୁର୍ନୀତିକୁ ୨୦୨୪ ନିର୍ବାଚନର ସବୁଠାରୁ ବଡ଼ ପ୍ରସଙ୍ଗ କରି ତାହାକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇପାରିବ, ତେବେ ଏହି ନିର୍ବାଚନରେ ତମହାର ହୋଇପାରିବ ।

ବେଗୁସରାଇର ମର୍ମ

ପ୍ରତ୍ୟେକ ମନୁଷ୍ୟ ପ୍ରତ୍ୟହ ପ୍ରାୟ ୨୦,୦୦୦ ଥର ଶ୍ୱାସକ୍ରିୟା ସଂପାଦନ କରିଥାଆନ୍ତି ଏବଂ ୨୦ ଲିଟରାଗ୍ରାମ ଓଜନର ବାୟୁ ଗ୍ରହଣ କରନ୍ତି; କିନ୍ତୁ ହାରାହାରି ବୈନିକ ମାତ୍ର ୨ ଲିଟର ଜଳ ପାନ କରିଥାଆନ୍ତି । ଅଥଚ, ସ୍ୱଚ୍ଛ ଜଳ ପାନ କରିବା ଲାଗି ମନୁଷ୍ୟର ଆଗ୍ରହ ନିମର୍ଜ୍ଜ ବାୟୁ ସେବନ ପରସ୍ପରିକ ଦେଖିବାକୁ ମିଳି ନ ଥାଏ । ଏହାର କାରଣ ସମ୍ଭବତଃ ଏହା ଯେ ବାୟୁମଣ୍ଡଳରେ ରହିଥିବା ଶତ୍ରୁ ଅଦୃଶ୍ୟ । ତେବେ, ଦୃଶ୍ୟମାନ ହେଉ ନ ଥିବା ଶତ୍ରୁ ଯେ ଅନୁପସ୍ଥିତ ଏଭଳି ମୂଢ଼ ଧାରଣାଟୁ ଅଧମମଗନ ମୁକ୍ତ ହେବା ଆବଶ୍ୟକ । ତାହା ହେଲେ ବାୟୁ ପ୍ରଦୂଷଣ ସୃଷ୍ଟି କରିବାରୁ ଅଧମମଗନ ଜୀବନ ଜଲାଣି ଆଗ୍ରହ ହେବ । କାରଣ ୯'ବସୁସରାଇ'ଗୁଡ଼ିକ କେବଳ ଆମ ଅପରିଣାମଦର୍ଶିତା, ବିଚା

ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ନାରୀଶକ୍ତି କାର୍ଯ୍ୟକ୍ରମ

ସମ୍ବଲପୁର,୨୩/୦୩ (ନି/ପ୍ର): ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଭତରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ମହିଳା ସଚେତନତା କାର୍ଯ୍ୟକ୍ରମ ନାରୀଶକ୍ତି ଅନୁଷ୍ଠିତ ହୋଇଯାଇଛି । ନାରୀଶକ୍ତିର ସହ ସଂଯୋଜିକା ଝୁନୁ ଦ୍ରୀପାଠାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଭତରା ଏବଂ ଧନୁପାଲି ଅଂଚଳର ମହିଳା ମାନେ ଅଂଶଗ୍ରହଣ କରିଥିଲେ ଓ ମହିଳା ମାନେ ପରିବାର ର ସମସ୍ୟା ଭିତରେ ବାନ୍ଧି ହୋଇ ନିଜର ବ୍ୟକ୍ତିଗତ ପ୍ରତିଭାର ବିକାଶ ଦିଗରେ ଆଗେଇ ପାରୁନଥିବା ବେଳେ ଘରୋଇ ମହିଳା ମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ ଏବଂ ବିକାଶ ଦିଗରେ ଉତ୍ସାହିତ କରିବାକୁ ନାରୀଶକ୍ତି ଅଭିଯାନ କରିଆସେ ଚେଷ୍ଟା କରାଯାଉଥିବା କାର୍ଯ୍ୟକ୍ରମରେ ସଂଯୋଜିକା ମତ ପ୍ରକାଶ କରିଥିଲେ । ଏଥିରେ ମହିଳା ମାନେ ଜୀବନରେ ଜଣ ଆଶା ରଖିଛନ୍ତି ଏବଂ ବାସ୍ତବ ଜୀବନରେ ସେମାନଙ୍କର ସ୍ଥିତିକୁ ନେଇ ଆଲୋଚନା କରାଯାଉଥିଲା । ପରିବାର ର ଦାୟିତ୍ୱ ନେବା ସହ ସେମାନେ ଜୀବନରେ ଆଉ ଅଧିକ ଜଣ କଳିପାରିବେ ତାର ଆଜଳନ କରି ସେଥିପାଇଁ ଚେଷ୍ଟା କରିବାକୁ ନାରୀଶକ୍ତି ପକ୍ଷରୁ ମହିଳା ମାନଙ୍କୁ ଆହ୍ୱାନ କରାଯାଇଥିଲା । ବହୁ ମହିଳାଙ୍କ ଭିତରେ ସମାଜକୁ ବିଗଦର୍ଶନ ଦେବାର କ୍ଷମତା ରହିଥିବା ସତ୍ତ୍ୱେ ସେମାନେ ସୁଯୋଗ ପାଇପାରୁନଥିବା ମତ ପୋଷଣ କରିଥିଲେ । ସମାଜରେ ପ୍ରତ୍ୟେକ ନାରୀ ଆଉ ଜଣେ ନାରୀକୁ ସହଯୋଗ କରିବାକୁ ଚେଷ୍ଟା କଲେ ପୁରା ସମାଜ ଆଗକୁ ବଢିବା ସହ ମହିଳା ମାନଙ୍କୁ ମଧ୍ୟ ସମାଜରେ ଉଚିତ ସ୍ଥାନ ମିଳିପାରିବ ବୋଲି ପଶ୍ଚିମାଂଚଳ ଏକତା ମଂଚର କେନ୍ଦ୍ରୀୟ କମିଟୀ ସଦସ୍ୟା ଜାନି ମେହେର କହିଥିଲେ । ନାରୀ ମାନେ ପୂର୍ବରୁ କେବଳ ଶିଶୁର ଘର ପରିବାରର ଦାୟିତ୍ୱ ନେଉଥିବା ବେଳେ ଏବେ ଅନେକ ମହିଳା ନିଜ ବାପା ମାଆଙ୍କ ପରିବାର ଦାୟିତ୍ୱ ମଧ୍ୟ ବୁଝାଉଥିବା । କହିଥିଲେ ସମାଜରେ ମାନସିକ ଚିନ୍ତାରେ ପରିବର୍ତ୍ତନ ଆସୁଛି ପରୁଷ ମାନେ ମଧ୍ୟ ସ୍ତ୍ରୀର କାମରେ ସହଯୋଗ କରି ସେମାନଙ୍କୁ ବିଭିନ୍ନ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରୁଥିବା ନୃତ୍ୟଗୁରୁ ତଥା ନାରୀଶକ୍ତିର ସଂଗଠିକା ପଙ୍କଜିନୀ ବୈଠାରୁ କହିଥିଲେ । ଏହି ଅବସରରେ ଅନେକ ମହିଳା ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ମହିଳା ମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଏକ ଭୁଲକ ପ୍ରତିଯୋଗିତାର ଆୟୋଜନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା । ନାରୀଶକ୍ତିର ମହିଳା ସଂଗଠିକା ସୁଜାତା ଗୁରୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଛବି ପଟି, ସଂଗମିତ୍ରା ପଣ୍ଡା, ସରିତା ଧଳ, ଦେବଶ୍ରୀ ମହାପାତ୍ର, ଶାନ୍ତିଲତା ଝାଙ୍କର, ଦମୟନ୍ତି ଠାକୁର, ରଶ୍ମୀ ମହାପାତ୍ର , ବିମଳିନୀ ପତି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ନାରୀଶକ୍ତିର ସମ୍ବଲପୁର ସଂଯୋଜିକା ସ୍ମୃତିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ହିଣ୍ଡାଲକୋ ସ୍ପେଲଟର ଜଂଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ପୁନର୍ବାର ସଭାପତି ହେଲେ ଜୟ ନାରାୟଣ

ସମ୍ବଲପୁର,୨୩/୩ (ନି/ପ୍ର): ହୀରାକୁଦ ସ୍ଥିତ ହିଣ୍ଡାଲକୋ କମ୍ପାନୀ ରେ ଠିକା ଶ୍ରମିକ ମାନଙ୍କ ଅନ୍ୟତମ ସଙ୍ଘ ହିଣ୍ଡାଲକୋ ସ୍ପେଲଟର ଜଂଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ନୂତନ ପଦାଧିକାରୀ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଯାଇଛି ଓ ହିଣ୍ଡାଲକୋ ସ୍ପେଲଟର ଜଂଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ସାଧାରଣ ସମ୍ପାଦକ ରୂପଧର ଛତ୍ରିଆ ନିକଟ ଭବିଷ୍ୟତରେ ଅବସର ଗ୍ରହଣ କରିବା ଅବ୍ୟାବହିତ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା ଓ ଗତ ୯ ତାରିଖ ରେ ହିଣ୍ଡାଲକୋ ସ୍ପେଲଟର ଜଂଟ୍ରାକ୍ଟର ୱାର୍କର୍ସ ୟୁନିଅନର ଏକ ଜରୁରୀ ବୈଠକ ହୋଇଥିଲା ଓ ବୈଠକ ରେ ବିଧାୟକ ଙ୍କ ଝିଅ ସୁଶ୍ରୀ ଶୁଭଶ୍ରୀ ମିଶ୍ର ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ଜୟ ନାରାୟଣ ମିଶ୍ର ଭୁବନେଶ୍ୱର ରେ ଥାଇ ଭିଡିଓ କନ୍ଫରେନସିଂ କରିଆସେ ବୈଠକ ରେ ଯୋଗ ଦେଇଥିଲେ । ବଳିତ ଥର ସର୍ବସମ୍ମତି କ୍ରମେ ପୁଣି ଥରେ ହିଣ୍ଡାଲକୋ ସ୍ପେଲଟର ଜଂଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ସଭାପତି ଭାବେ ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଙ୍କୁ ଚୟନ କରାଯାଇଛି । ହିଣ୍ଡାଲକୋ ସ୍ପେଲଟର ଜଂଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ସାଧାରଣ ସମ୍ପାଦକ ପଦ ପାଇଁ ରାଜ କୁମାର ସିଂ ଙ୍କ ନାମ କୁ ପ୍ରସ୍ତାବ ଦେଇଥିଲେ ୟୁନିଅନ ର ବରିଷ୍ଠ ସଦସ୍ୟ କେ.ଶ୍ରୀନିବାସ । ଉପସ୍ଥିତ ସଦସ୍ୟ ସଦସ୍ୟା ମାନେ ସାଧାରଣ ସମ୍ପାଦକ ଭାବେ ଶ୍ରୀ ସିଂ ଙ୍କୁ ଏକ ସ୍ୱର ରେ ସମର୍ଥନ କରିଥିଲେ । ଏହା ସହିତ ୧୭ ଜଣିଆ କୋର କମିଟି ମଧ୍ୟ ଗଠନ କରାଯାଇଥିଲା ଏହା ସହିତ ହିଣ୍ଡାଲକୋ ସ୍ପେଲଟର ଜଂଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ଉପସଭାପତି ଭାବେ ପଟୀ ଭୂଷଣ ମିଶ୍ର ଓ ବିଭୂତି ଭୂଷଣ ପଡିଆରି ଙ୍କୁ ଚୟନ କରାଯାଇଥିବା ବେଳେ ସୁଶ୍ରୀ ଶୁଭଶ୍ରୀ ମିଶ୍ର ଙ୍କୁ ଉପଦେଷ୍ଟା ଭାବେ ବାରିତ୍ୱ ଦିଆଯାଇଛି । ଏହି ବୈଠକ ର ସବୁଶେଷ ବିବରଣୀ ଯଥାବିଧି ଭାବେ କମ୍ପାନୀ କର୍ତ୍ତୃପକ୍ଷ ଓ କମ୍ପାନୀ ରେ କାମ କରୁଥିବା ଠିକା ଶ୍ରମ୍ମୀ ମାନଙ୍କୁ ଜଣେଇ ଦିଆ ଯାଇଛି । ଆଜି ସନ୍ଧ୍ୟାରେ ହିଣ୍ଡାଲକୋ ସ୍ପେଲଟର ଜଂଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ବହୁ ସଦସ୍ୟ ସଦସ୍ୟା ସମ୍ବଲପୁର ବିଜେପି କାର୍ଯ୍ୟାଳୟ କୁ ଆସି ବିଧାୟକ ଶ୍ରୀ ଜୟ ନାରାୟଣ ମିଶ୍ର ଙ୍କୁ ସାକ୍ଷାତ କରିଥିଲେ

ବରଗଡ଼ ଜିଲ୍ଲାରେ ଆଲୋଡ଼ନ: ନକଲି ପଟ୍ଟାରେ ଉଠିଛି ଅସଲି ଋଣ



ବରଗଡ,୨୩/୩ (ନି/ପ୍ର): ବରଗଡ଼ ଜିଲ୍ଲାରେ ସାମ୍ପ୍ରତି ଆସୁଛି ଗୋଟିଏ ପରେ ଗୋଟିଏ ଋଣ ଜାଲିଆତି ମାମଲା । ତେବେ, ସୀମା ଢେଇଁଛି ଜାଲିଆତି । ପୁଲିସ ଯଦି ମାମଲା ଗୁଡ଼ୁ କରେ ତାହେଲେ ପାଖାପାଖି ୫୫୦ ଜଣଙ୍କୁ ଜେଲ୍ ଯିବାକୁ ପଡ଼ିବ । କାରଣ ୫୪୨ ଜଣ ବ୍ୟକ୍ତି ଜାଲ୍ ପଟ୍ଟା ଦାଖଲ କରି କିସାନ କ୍ରେଡିଟ୍ କାର୍ଡ ଋଣ ବ୍ୟାଙ୍କରୁ ଉଠାଇଛନ୍ତି । ଅନ୍ୟମାନଙ୍କ ଜମିକୁ ବନ୍ଧା ପଟ୍ଟାର ମୋଟ ୫ କୋଟି ଟଙ୍କା ଋଣ ନେଇଛନ୍ତି । ଯେଉଁ ମାମଲା ବର୍ଷ ବର୍ଷ ହେଲା ପୁଲିସ ପାଖରେ ଥିଲେ ବି ତାହା ଫାଇଲ ଭିତରେ ରହିଛି । ଆଉ ଏବେ ମାମଲା କଥା ପୁଲିସକୁ ପଚାରିଲେ ପ୍ରତିକ୍ରିୟା ଦେଉ ନାହାନ୍ତି । ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ ଦାଖଲ କରିବାକୁ ପୁଲିସ କହିଥିବା ବ୍ୟାଙ୍କ ଅଧିକାରୀ ସୂଚନା ଦେଇଛନ୍ତି । ଗତ ୨୦୨୨ର ଏକ ଋଣ ଜାଲିଆତି ମାମଲାରେ କିଛି ଦିନ ତଳେ ପୁଲିସ ୩ ଅଭିଯୁକ୍ତଙ୍କୁ ଜେଲ୍ ପଠାଇଥିଲା । ପୂରା ଜାଲିଆତି ମାମଲାରେ ଅଭିଯୁକ୍ତମାନେ ନକଲି ପଟ୍ଟା ଆହ୍ୱାବାଦ ବ୍ୟାଙ୍କରେ ଦାଖଲ କରିଥିଲେ । ଲକ୍ଷାଧିକ ଟଙ୍କା ବିସାନ କ୍ରେଡିଟ୍ କାର୍ଡ ଋଣ ନେଇଥିଲେ । ଉକ୍ତ ମାମଲାର ଅଧିକ ଅନୁସନ୍ଧାନ କରିବାକୁ ଏଭଳି ୫୪୨ଟି ଋଣ ଜାଲ ପଟ୍ଟାରେ ଉଠିଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି । ଯାହାକୁ ନେଇ ଗତ ୨୭.୮.୨୦୨୦ରେ ଲକ୍ଷିସରାୟ ବ୍ୟାଙ୍କ କର୍ତ୍ତୃପକ୍ଷ ଟାଉନ ଥାନାରେ ୫୪୨ ଜଣଙ୍କ ବିରୋଧରେ ମାମଲା ଗୁଡ଼ୁ କରିବାକୁ ଏତଲା ଦେଇଥିଲେ । ବର୍ତମାନର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାରୁ ଜଣାଯାଇଛି ଯେ, କିଛି ବର୍ଷ ତଳେ ଆହ୍ୱାବାଦ ବ୍ୟାଙ୍କ ଲକ୍ଷିସରାୟ ବ୍ୟାଙ୍କ ସହ ମିଶିଯାଇଥିଲା । ସେହି ସମୟରେ ଏହି ଘଟଣା ସାମ୍ନାକୁ ଆସିଥିଲା । ବରଗଡ଼ ଓ ନିକଟସ୍ଥ ଗାଁମାନଙ୍କର ଲୋକେ କିସାନ କ୍ରେଡିଟ କାର୍ଡ (କେସିସି) ଋଣ ପାଇଁ ଆହ୍ୱାବାଦ ବ୍ୟାଙ୍କରେ ଆବେଦନ କରିଥିଲେ । ପୂର୍ବରୁ ଅନଲାଇନରେ ପଟ୍ଟା ଉପଲବ୍ଧ ରହୁନଥିଲା । ଯାହାର ଫାଇଦା ଉଠାଇ ଅନ୍ୟଲୋକଙ୍କ ଖାତା ଖଡିଆନ ନମ୍ବର ହାତେଇ ନାମ ବଦଳାଇ ଜାଲିଆତି ହୋଇଥିଲା । ଏପରିକି ତହସିଲଦାରଙ୍କ ସିଲ୍ ସହ ଦସ୍ତଖତ ଜାଲ୍ କରାଯାଇ ନକଲି ପଟ୍ଟା ଦାଖଲ କରି ଅସଲି ଋଣ ଉଠାଇଥିଲେ । ଏହା ପରବର୍ତୀ ସମୟରେ ଜଣାପଡ଼ିବା ପରେ ପୁଲିସରେ ଏତଲା ଦିଆଯାଇଥିବା ସୂଚନା ଦେଇଛନ୍ତି । ଫଳରେ ଅସଲି ଜମି ମାଲିକମାନଙ୍କ ମୁଁରେ ଏବେବି ବ୍ୟାଙ୍କରେ ଉକ୍ତ ଜମିରେ ଋଣ ରହୁଛି । ଅନ୍ୟପଟେ ଟାଉନଥାନାର ବର୍ତମାନ ଥାନାଧିକାରୀ ଭାତବାଣ୍ଡିସୁ ଗୋଟିଏ ମାମଲା ଭଳି ଅସଲି ଜମି ମାଲିକଙ୍କ ଏତଲା ଅନୁସାରେ ୩ ଜଣଙ୍କୁ କୋର୍ଟଚାଲାଣ କରିଛି । ବ୍ୟାଙ୍କ ଦେଇଥିବା ଏତଲାରେ ପୁଲିସ ହାତ ମାରୁନଥିବା ବେଳେ ବ୍ୟାଙ୍କ ଅଧିକାରୀ ଏହା ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ କରିବାକୁ ପୁଲିସ କହୁଥିବା ସୂଚନା ଦେଇଛନ୍ତି । ପୁଲିସ ଏହି ମାମଲାରେ ସବିଶେଷ ତଥ୍ୟ ବର୍ଜମାନ ପୁଣି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କଠାରୁ ନେଇଛି । ଏହି ଜାଲିଆତିରେ ପୂର୍ବରୁ ଏକ ବଡ଼ ରାଜେଟ୍ ଜାମ କରୁଥିଲା । ବ୍ୟାଙ୍କ ଏବଂ ତହସିଲର କିଛି କର୍ମଚାରୀଙ୍କ ବି ହାତ ରହିଥିଲା । ଏହାର ଉପଯୁକ୍ତ ତଦନ୍ତ ହେଲେ ମୁଖ୍ୟ ଜାର୍ପଟବାରମାନଙ୍କ ଅସଲ ଚେହେରା ପବାକୁ ଆସିବ ଏଥିରେ ସନ୍ଦେହ ନାହିଁ । ଏଣୁ ପୁଲିସ ଏହି ମାମଲାର ଅଧିକ ତଦନ୍ତ କରୁ ବୋଲି ଦାବି ହେଉଛି ।

ହୀରାକୁଦରେ ବ୍ୟାପିଲା ଝାଡ଼ାବାନ୍ତି: ଭିମସାରରେ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ

ହୀରାକୁଦ,୨୩/୩ (ନି/ପ୍ର): ସମ୍ବଲପୁର ଜିଲ୍ଲା ହୀରାକୁଦରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ଜଣ ହୀରାକୁଦ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଗତକାଲି ୪୨ଜଣ ହୀରାକୁଦ ମେଡିକାଲରେ ଭର୍ତି ହୋଇଥିଲେ । ଗତକାଲି ସେମାନଙ୍କ ମଧ୍ୟରୁ କେତେକ ଗୁରୁତରଙ୍କୁ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା । ଆଜି ସକାଳେ ଜଣେ ରୋଗୀଙ୍କର ପ୍ରାଣହାନି ଘଟିଛି । ଦୂଷିତ ପାନୀୟ ଜଳ ଯୋଗାଣ କାରଣରୁ ଜାଉରିଆ ବ୍ୟାପିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆଶଙ୍କା କରିଛି । ହୀରାକୁଦ ସହରର ଗୁରୁଦ୍ୱାରାପଡ଼ା, ଗୌଡ଼ପଡ଼ା,ଜାଲୋପଡ଼ା, ନ୍ୟୁ ମାର୍କେଟ କଲୋନି, ମାଛପଡ଼ାରେ ସଂକ୍ରମଣ ବଢ଼ିଚାଲିଛି । ଝାଡ଼ାବାନ୍ତି ବ୍ୟାପୁଥିବା ନେଇ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦେଇଥିବା ରିପୋର୍ଟ ଅନୁସାରେ ଟ୍ରିଟମେଂଟ ପ୍ଲାଂଟରେ ପାଣିକୁ ବିଶୁଦ୍ଧ କରାଯାଉନାହିଁ,ଯାହା ଫଳରେ ସଂକ୍ରମଣ ବ୍ୟାପୁଛି । ୪ଟି ସ୍ଥାନରୁ ପାନୀୟ ଜଳ ନମୁନ ସଂଗ୍ରହ କରାଯାଇଛି । ଏବେ ଘର ଘର ବୁଲି ଯାଂଚ କରୁଛି ସ୍ୱାସ୍ଥ୍ୟ ବିଭାଗ ।

ଡେବ୍ରିଗଡ଼ରେ ହାଇକିଂ କାର୍ଯ୍ୟକ୍ରମ

ସମ୍ବଲପୁର,୨୩/୩ (ନି/ପ୍ର): ଡେବ୍ରିଗଡ଼ ଅଭୟାରଣ୍ୟରେ ହାଇକିଂ ଅନୁଷ୍ଠିତ ହୋଇଛି । ଏଥିରେ ଭାରତର ବିଭିନ୍ନ କୋଣରୁ ଆସିଥିବା ୨୨ ଜଣ ହାଇକର ଭାଗ ନେଇଥିଲେ । ହାଓଇକିଂ ପାଇଁ ହାଇକମାନଙ୍କୁ ଡେବ୍ରୁଗଡ଼ ଅଭୟାରଣ୍ୟରେ ୩ ଦିନ ଓ ୨ ରାତି କାଟିବାକୁ ପଡ଼ିଛି । ଗୁରୁବାର ଦିନ ଏହି ହାଇକିଂ ଶେଷ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି । ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ତାମିଲନାଡୁ, ମଧ୍ୟପ୍ରଦେଶ, ପଂଜାବ, ହରିୟାଣା, ଓଡ଼ିଶା, କର୍ଣ୍ଣାଟକ, ଚଣ୍ଡିଗଡ଼, ଝାଡ଼ଖଣ୍ଡ ଓ ଦିଲ୍ଲୀରୁ ହାଇକର୍ମାନେ ସାମିଲ ହେବା ସହ ପ୍ରାକୃତିକ ପରିବେଶ ମଧ୍ୟରେ ଡେବ୍ରିଗଡ଼ ଅଭୟାରଣ୍ୟରେ ଥିବା ଉପତ୍ୟକା, ପାହାଡ଼, ପର୍ବତ, ଘାସଭୂମି ଏବଂ ଦ୍ୱୀପପୁଞ୍ଜଗୁଡ଼ିକରେ ହାଇକିଂର ମଜା ଉଠାଇଥିଲେ । ପ୍ରଥମ ଦିନ ସମୁଦ୍ରପତନ ଠାରୁ ୫ଶହ ମିଟର ଉପରେ ହାଇକିଂ କରି ରାଣୀବସା ଠାରେ ରାତ୍ରି ରହଣି କରିଥିଲେ । ଦ୍ୱିତୀୟ ଦିନ ସେମାନେ ବାଡୁଡ଼ିଦ୍ୱୀପରେ ପହଂଚିଥିଲେ । ହୀରାକୁଦ ଜଳଭଣ୍ଡାର ଭିତରେ ଥିବା ଦ୍ୱୀପଟୁ ବୁଲିକା ପରେ 'ଭ୍ୟାଟେଲ୍ ଆଇଲ୍ୟାଣ୍ଡ୍'ରେ ଅସ୍ଥାୟୀ ଶିବିରରେ ସେମାନେ ଦ୍ୱିତୀୟ ରାତି ରହଣି କରିଥିଲେ ।

କୋରାପୁଟରେ ମୁଖ୍ୟ ନିର୍ବାଚନ ଅଧିକାରୀ: କୋଟିଆରେ ମତଦାନ ଚ୍ୟାଲେଞ୍ଜ ନାହିଁ

କୋରାପୁଟ,୨୩/୩ (ନି/ପ୍ର): କୋଟିଆରେ ମତଦାନ ପାଇଁ କୌଣସି ଚ୍ୟାଲେଞ୍ଜ ନାହିଁ । ଶୃଙ୍ଖଳିତ ଓ ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ ଦିଆଯିବ । ପୂର୍ବ ନିର୍ବାଚନ ଅପେକ୍ଷା ୨୦୨୪ରେ କୋଟିଆରେ ମତଦାନ ହାର ବଢ଼ିବ । କୋରାପୁଟ ଗସ୍ତରେ ଆସି ନିର୍ବାଚନ ପୂର୍ବ ସ୍ଥିତି ସମୀକ୍ଷା କରି ଏହା କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିଲୁଞ୍ଜ ବିହାରୀ ଧଳ । କୋରାପୁଟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଧଳ କହିଛନ୍ତି, କୋଟିଆ ଅଂଚଳ ସହ ଅବିଭକ୍ତ କୋରାପୁଟ ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଂଚଳରେ ନିର୍ବାଚନ ପାଇଁ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ମାଲକାନଗିରିରେ ୧୬ କମ୍ପାନି, କୋରାପୁଟରେ ୮ କମ୍ପାନି, ନବରଙ୍ଗପୁର ଓ ଗୟସଡ଼ାରେ ୩ କମ୍ପାନି ଲେଖାଏଁ ସିଆରପିଏଫ ଯବାନଙ୍କୁ ମୁତୟନ କରାଯାଇଛି । ସେମାନେ ପ୍ରଥମେ ଏରିଆ ଡୋମିନେଂଟ କରି ମତଦାନ କରିବାକୁ ଲୋକଙ୍କ ଆଶ୍ୱାସାଳନ ହେବେ । ପୁଡି ଜିଲ୍ଲାରେ ରହିଥିବା ନୋ ନେଚ୍‌ୱର୍କ ଅଂଚଳରେ ଲିଏଚ୍‌ପି ସେଂଟର ପ୍ରତିଷ୍ଠା କରାଯିବ । ମୁଖ୍ୟତଃ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ମୋବାଇଲ ଲିଏଚ୍‌ପି ଓ ଲିଏଚ୍‌ପି ସେଂଟର ପ୍ରତିଷ୍ଠା କରାଯାଇ ଯୋଗପୂତ୍ର ସ୍ଥାପନ କରାଯିବ । ମାଲକାନଗିରି ଜିଲ୍ଲାର ବିଛିନ୍ନାଂଚଳ ଲାଗି ପୋଲିଂ ପାର୍ଟି ପାଇଁ ୨ଟି ବୋଟ୍ ବ୍ୟବସ୍ଥା କରାଯିବ । ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଅବିଭକ୍ତ କୋରାପୁଟ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ବକ୍ଷିଣ-ପଶ୍ଚିମାଂଚଳ ଡିଆଇଜି, ବିଏସ୍‌ଏଫ୍, ଏଡିଏମ୍ ଓ ୧୪ଟି ବିଧାନସଭା ଆସନର ରିଟର୍ଣ୍ଣିଂ ଅଫିସରଙ୍କ ସହ ଆଲୋଚନା କରିଥିଲେ । ଏହାପରେ ସେ କୋରାପୁଟ ଓ ଜୟପୁରରେ ରହିଥିବା ଭୋଟଗଣତି କେନ୍ଦ୍ର ବୁଲି ଦେଖିଥିଲେ । ତାଙ୍କ ସହ ରାଜ୍ୟ ପୁଲିସ ନୋଡାଲ ଅଧିକାରୀ (ନିର୍ବାଚନ) ସଂଜୟ କୁମାର, ଅତିରିକ୍ତ ସିଏଚ ଏନ୍. ଥୁଗୁମାଲା ନାଇକ, ସତ୍ୟାଗ୍ରହ କର୍ ଓ ପିଆରଓ ବିନାୟକ ମିଶ୍ର, ବକ୍ଷିଣ-ପଶ୍ଚିମାଂଚଳ ଡିଆଇଜି ଚରଣ ସିଂ ମୀନା, କୋରାପୁଟ ଜିଲ୍ଲାପାଳ ଭି. କାର୍ତ୍ତି ଭାସନ ପ୍ରମୁଖ ଉପସ୍ଥିତ ଥିଲେ ।

Mizoram State Lotteries
GOLDEN TIGER Draw 07:30 Pm Draw Date 23.03.2024 Draw Sr. 08
SHANI WEEKLY LOTTERY • Ticket M.R.P. Rs. 6/- • GOLDEN TIGER SHANI WEEKLY LOTTERY

First Prize 10000/-	32666				
Second Prize 9000/-	14664	30932	35307	35638	42444
	48129	81871	85386	90737	99569
Third Prize 1000/-	04460	07302	10768	18808	20833
	39496	56201	75848	76949	81446
Forth Prize 450/-	0327	1331	2247	3140	3491
	3948	3999	6096	7551	7705
Fifth Prize 250/-	1807	2207	3056	4564	5232
	5273	7250	7415	7833	8204

Sixth (1000) Prize Rs. 120/-

0006	0746	1730	2875	4345	5478	6450	7116	8046	8844
0057	0759	1767	3591	4397	5536	6456	7267	8135	8999
0152	0953	1830	3671	4522	5625	6469	7354	8210	9016
0188	1019	2124	3733	4543	5635	6523	7411	8426	9069
0205	1097	2402	3779	4615	5711	6537	7425	8497	9195
0379	1176	2593	3822	4736	5852	6794	7460	8620	9363
0547	1201	2642	4084	5001	5922	6807	7504	8640	9483
0569	1294	2680	4092	5184	6091	6944	7577	8664	9625
0638	1354	2732	4093	5185	6275	6956	7627	8758	9696
0644	1681	2860	4282	5338	6368	7051	8014	8787	9841

Check Result with Govt. Official Gazzett. | Issued By : Mizoram State Lotteries
https://youtube.com/c/GoldenLottery/

Mizoram State Lotteries
GOLDEN SONA Draw 12:30 Noon Draw Date 23.03.2024 Draw Sr. 08
SHANI WEEKLY LOTTERY • Ticket M.R.P. Rs. 6/- • GOLDEN SONA SHANI WEEKLY LOTTERY

First Prize 10000/-	04734				
Second Prize 9000/-	22142	23228	32526	51681	51760
	54868	55671	56822	70328	83134
Third Prize 1000/-	10612	37596	55356	58514	61514
	76197	77750	85505	94891	97054
Forth Prize 450/-	2896	4109	4805	5187	5622
	6127	6848	8876	9413	9760
Fifth Prize 250/-	0686	0836	1070	1783	1827
	2030	4142	6731	7981	8353

କଂଗ୍ରେସ ପକ୍ଷରୁ ୫ ସୂତ୍ରୀ ଗ୍ୟାରେଟିଂ, ନୂଆ ଓଡିଶା ଗଢିବା ଆସ, ସଂକଳ୍ପ କରେ କଂଗ୍ରେସ

ରାଉରକେଲା, ୨୩/୩ (ନି/ପ୍): ଆଜି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଓଡିଶା ପ୍ରଭାରୀ ଅଜୟ କୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଦ୍ୱାରା ୫ ସୂତ୍ରୀ ଗ୍ୟାରେଟି ଘୋଷଣା ପତ୍ର ଓଡିଶାର ଗରୀବ ଜନସାଧାରଣ, କୃଷକ, ଛାତ୍ର, ଯୁବ, ମହିଳା, କ୍ଷୁଦ୍ର ବ୍ୟବସାୟୀ ଓ ଅନୁଗ୍ରାନ୍ତ ପୂର୍ବତନ ଶ୍ରେଣୀଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରାଯାଇଛି । ଜିଲ୍ଲା କଂଗ୍ରେସ କମିଟିର ସଭାପତି ରବି ରାୟଙ୍କ ନେତୃତ୍ୱରେ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଓଡିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିରେନ ସେନାପତି, ଆର୍ ପି ସିଂହ, ଅଶୋକ ନାୟାର, ଆଶିଷ ମହାନ୍ତି, ନିହାର ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଏହି ୫ ସୂତ୍ରୀ ଗ୍ୟାରେଟି ସୂଚିକ ପ୍ରକାଶ କରାଯାଇଛି । ସେଥିମଧ୍ୟରେ ରହିଛି ଗୃହ ଜ୍ୟୋତି, ଏହି ଗୃହ ଜ୍ୟୋତି ମାଧ୍ୟମରେ ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ୍ ବିଦ୍ୟୁତ ଦେୟ ଛାଡ । ଦ୍ୱିତୀୟ ଗ୍ୟାରେଟିଂରେ ଯୁବ ବିକାଶ, ଏଥିରେ ୫ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ଓ ଯେଉଁମାନେ ନିଯୁକ୍ତି ନପାଇବେ, ସେମାନଙ୍କ ପାଇଁ ବେକାରୀ ଭତା ୩,୦୦୦ ଟଙ୍କା । ତୃତୀୟ ଗ୍ୟାରେଟିରେ କୃଷକ ବନ୍ଧୁ, ଏଥିରେ ଦୋନ୍ନ ସହ ଧାନର ମୂଲ୍ୟ କ୍ୱିଂଟାଲ ପ୍ରତି ୩୦୦୦ ଟଙ୍କା, କୃଷି ଋଣ ଛାଡ, କୃଷକମାନଙ୍କ ପାଇଁ ମାସିକ ପେନସନ ୨୦୦୦ ଟଙ୍କା । ଚତୁର୍ଥ ଗ୍ୟାରେଟି ମହିଳାଙ୍କ ପାଇଁ ଗୃହ ଲକ୍ଷ୍ମୀ ଗ୍ୟାରେଟି । ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ମହିଳାଙ୍କୁ ମାସିକ ଭତା ୨୦୦୦ ଟଙ୍କା ଏବଂ ଆଦିବାସୀ ଓ ଦଳିତ ମହିଳାଙ୍କୁ ମାସିକ ଭତା ୩୦୦୦ ଟଙ୍କା, ମାସକୁ ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର । ପଂଚମ ଗ୍ୟାରେଟିଂରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ମାଧ୍ୟମରେ ମାଗଣା ଚିକିତ୍ସା ବ୍ୟବସ୍ଥା । ବାର୍ଦ୍ଧକ୍ୟ ଭତା, ବିଧବା ଭତା ଓ ବିବ୍ୟାଙ୍ଗ ଭତା ମାସିକ ୨୦୦୦ ଟଙ୍କା । ଚିତ୍ର ପଞ୍ଚ ପ୍ରଭାବିତ ଜମାଜାରୀମାନଙ୍କୁ ୬ ମାସ ମଧ୍ୟରେ ସୁଧ ସହ ଜମା ରାଶି ଫେରସ୍ତ । ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା । ଆଦିବାସୀ ଓ ଦଳିତଙ୍କର ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର । ୧୦୦ ଦିନ ମଧ୍ୟରେ ପେସା ଆଇନକୁ କଡାକଡି ଭାବେ ଲାଗୁ କରାଯିବ । ଏହି ଭଳି ଭାବରେ କଂଗ୍ରେସ ପକ୍ଷରୁ ପାଂଚ ସୂତ୍ରୀ ଗ୍ୟାରେଟି ଦିଆଯାଇ, ନୂଆ ଓଡିଶା ଗଢିବା ଆସ, ସଂକଳ୍ପ କରେ କଂଗ୍ରେସ ବୋଲି କୁହାଯାଇଛି ।

ଦାମୋଦରଙ୍କ ବିୟୋଗରେ ସଚେତନ ନାଗରିକ ମଂଚର ଶୋକ

ରାଉରକେଲା, ୨୩/୩ (ନି/ପ୍): ବର୍ଷୀୟାନ ନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ବିୟୋଗରେ ସଚେତନ ନାଗରିକ ମଂଚ ତରଫରୁ ଶୋକ ପ୍ରସ୍ତାବ ପାରିତ କରାଯାଇ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଛି । ଏହି ଅବସରରେ ଛେଣ୍ଡ ସ୍ଥିତ କାର୍ଯ୍ୟାଳୟ ଠାରେ ମଂଚର ସଭାପତି ଜଂ ବିମଳ କୁମାର ବିଶି ଓ ସାଧାରଣ ସମ୍ପାଦକ ପି ପି ରାୟଙ୍କ ଆବାହକତ୍ୱରେ ଆୟୋଜିତ ଶୋକ ସଭାରେ ବରିଷ୍ଠ କର୍ମକର୍ତ୍ତା କରବନ୍ଧୁ ଜେନା, ଶଶଧର ପାତ୍ର, ଉପେନ୍ଦ୍ର କୁମାର ନାୟକ, ଅକ୍ଷୟ ଦାସ, ମୁଖପାତ୍ର କୁଞ୍ଜବିହାରୀ ରାଉତ, ରମେଶ ଚନ୍ଦ୍ର ମହାନ୍ତି, ରଘୁ ବଳ, ଅଭୟ ଦାସ, ବିଷ୍ଣୁ ଚରଣ ସାମନ୍ତ, ଚକ୍ରାଧର ଜେନା, ବିଜୁମ ଆଚାର୍ଯ୍ୟ,ଡା ବସନ୍ତ ଦାସ,ଭଜହରି ଦାସ, ରମେଶ ସେଠୀ, ଜଗନ୍ନାଥ ରାଉତ, ରାଜକିଶୋର ମିଶ୍ର, ଶାନ୍ତନୁ ମୁଦୁଲି, ଶୈଳେନ୍ଦ୍ର ମହାନ୍ତି, ମୀନତି ଦେବତା, ମୀନତି ବିଶ୍ୱାଳ, ସମ୍ବିତା ପ୍ରଧାନ, ଶମ୍ଭୁନାଥ ପରିଡା, ଅକ୍ଷୟ ଜେନା, ନୃସିଂହ ବିଶ୍ୱାଳ, ସୁଲାନ୍ତ ଚନ୍ଦ୍ର ଖୁଟିଆ, ହାଡିବନ୍ଧୁ ମହାପାତ୍ର, ନଳିନୀକାନ୍ତ ଧଳ, ରାଧାକାନ୍ତ ମିଶ୍ର, ଜଗାଧାରୀ ମାଝୀ, ଭବାନୀ କବି, କାଳନ୍ଦୀ ବଡ଼ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଜୀବନାଦର୍ଶ, ରାଜନୈତିକ ଜୀବନ ଉପରେ ଆଲୋଚନା କରି ତାଙ୍କୁ ବାସ୍ତବବାଦୀ ଜନନେତା,ବିଜେଡି ର ଶକ୍ତି ଶାଳୀ ଦୃଷ୍ଟ ଭାବେ ଅବହିତ କରି ତାଙ୍କ ସହ ବିତାଇଥିବା ମୁହୂର୍ତ୍ତର ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ବିଶି ଦାମ ବାବୁଙ୍କ ବିୟୋଗ ରାଜ୍ୟ ରାଜନୀତି ପାଇଁ କ୍ଷତି କହିବା ସହ ତାଙ୍କର ସଚେତନ ନାଗରିକ ମଂଚ ପ୍ରତି ଥିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସାଧାରଣ ସମ୍ପାଦକ ପି ପି ରାୟ ତାଙ୍କ ବକ୍ତବ୍ୟରେ ୧୯୬୯ରୁ ୫୫ବର୍ଷ ଧରି ଥିବା ସମ୍ପର୍କ ଓ ତାଙ୍କ ରାଜନୀତି ଓ ଗତ ଦୁଇ ବର୍ଷ ତଳେ ସଚେତନ ନାଗରିକ ମଂଚର ବାର୍ଷିକୋତ୍ସବ ରେ ଯୋଗଦାନ ଓ ତାଙ୍କ ବକ୍ତବ୍ୟର ସ୍ମୃତି ଚାରଣ କରି ସ୍ୱର୍ଗତ ରାଉତଙ୍କ ବିୟୋଗ ରାଜ୍ୟ ରାଜନୀତିରେ ଅପୂରଣୀୟ କ୍ଷତି ବୋଲି କହିଥିଲେ । ମୁଖପାତ୍ର ଶ୍ରୀ ରାଉତ ଦାମ ବାବୁଙ୍କ ବିୟୋଗ ରେ ରାଜ୍ୟ ଜଣେ ଦକ୍ଷ ବାଗ୍ମୀ ଙ୍କୁ ଓଡ଼ିଶା ହରାଇଲା ବୋଲି ମତ ରଖିଥିଲେ ।

ହୋଲି ପାଇଁ ରାଉରକେଲା ସହରରେ ରଙ୍ଗର ବିକ୍ରି ଜୋରଦାର

ରାଉରକେଲା ,୨୩/୩(ନି/ପ୍): ଷ୍ଟିଲ୍ ସିଟୀରାଉରକେଲାରେ ହୋଲି ଉପଲକ୍ଷେ ରଙ୍ଗ ଏବଂ ପିଚକାରୀ ବିକ୍ରୀ ଜୋରସୋରରେ ଚାଲିଛି । ବିଶେଷ କରି ଏଥର ହୋଲିରେ ବୋକାନମାନେ ହର୍ବାଲ୍ ରଙ୍ଗ ବିଷୟରେ ଗ୍ରାହକଙ୍କୁ ପ୍ରୋତ୍ସାହିତ କରୁଛନ୍ତି । କାରଣ ଗ୍ରାଣ୍ଡେଡ୍ ହର୍ବାଲ୍ ରଙ୍ଗ ପ୍ରୟୋଗ କରିଲେ ଏହାର ଭୌଣସିପାର୍ଶ୍ୱ ପ୍ରତିକ୍ରିୟା ନ ରହିବା ସହିତ ଏହି ରଙ୍ଗର ଶରୀରରେ ଭୌଣସିପ୍ରଭାବ ପଡିବ ନାହିଁ । ଏଥର ହର୍ବାଲ ରଙ୍ଗର ମୂଲ୍ୟ ୪୦ ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ପ୍ରତି ପ୍ୟାକେଟ୍ ବିକ୍ରୀ କରାଯାଉଛି । ଅନ୍ୟପକ୍ଷରେ ରାଉରକେଲା ସହରରେ ହୋଲି ରଙ୍ଗ ଓ ପିଚକାରୀ ମଧ୍ୟ ବିକ୍ରୀ ହେଉଛି । ଯାହାର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରୀ ହେଉଥିବା ଜଣାପଡ଼ିଛି । ଏଥର ରାଉରକେଲାର ବୋକାନୀମାନେ କୋଲକାତା, ରାଏପୁର ଏବଂ ଉତରପ୍ରଦେଶରୁ ଅତୀତ ରଙ୍ଗ ଓ ପିଚକାରୀ ବିକ୍ରୀ କରୁଛନ୍ତି । ସହରରେ ବିଶେଷ କରି ଡେଲି ମାର୍କେଟ, ଗ୍ରପିକ୍ ମାର୍କେଟ, ବାସନ୍ତୀ କଲୋନୀ ମାର୍କେଟ, ପାନପୋଷ ମାର୍କେଟ, ସେକ୍ଟର-୧୯ ଗଣପତି ମାର୍କେଟ, ଆୟବାଗାନ ମାର୍କେଟ୍, ସେକ୍ଟର-୫ ମାର୍କେଟ ସମେତ ସହରର ଅନ୍ୟାନ୍ୟ ବଜାରରେ ମଧ୍ୟ ହୋଲି ରଙ୍ଗ ବିକ୍ରୀ ଜୋର ଧରିଛି । ରାଉରକେଲା ସହରରେ ୨୪ ଘଣ୍ଟିଆ ଗାଡି ୧୧ଟା ପରେ ରୋଲିଙ୍ଗ ଦହନ କାର୍ଯ୍ୟକ୍ରମ ସହରର ବିଭିନ୍ନ କମିଟି ଗୁଡା ଆୟୋଜିତ ହେବ । ଯେଉଁଥି ପାଇଁ ରଙ୍ଗ ଦୋକାନକୁ ସଜ୍ଜିତ କରାଯିବା ସହିତ ଗ୍ରାହକମାନେ ରଙ୍ଗ ଏବଂ ଅବୀର କିଣୁଥିବା ଦେଖିବାକୁ ମିଳିଛି । ଆଜି ହୋଲି ଅବସରରେ ରାଉରକେଲା ସହରର ବିଭିନ୍ନ ବଜାରଗୁଡ଼ିକରେ ରଙ୍ଗ ଦୋକାନରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଛି ।

ରୁରାଲ ଡେଭଲପମେଂଟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ରାଉରକେଲା, ୨୩/୩ (ନି/ପ୍): ଲେଡିଲାୟନ ସଂଗଠନ ତରଫରୁ ଆୟୋଜିତ ପ୍ରଥମ ରୁରାଲ ଡେଭଲପମେଂଟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ସୋକ୍ସର ଏମ୍ପ୍ରିସ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଆୟୋଜିତ ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆରଏସପି ର କାର୍ମିକ ବିଭାଗର ନିର୍ଦ୍ଦେଶକ ଏସ ଆର ସୂର୍ଯ୍ୟଦଂଶୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁନୀଲ କୟାଲ,ଜିତେନ୍ଦ୍ର ପ୍ରସାଦ, ପ୍ରଫୁଲ୍ଲ ସୁନାନୀ, ଖଡାଲ ସେଠି, ଫାଦର ବେନଡାନ ପିଟର, ପ୍ରଫୁଲ୍ଲ ପରିଡା, ସୁଶ୍ରୀତ ଜଂସାରୀ , ନାରାୟଣ ବାରିକ, ସବିତା ଖାଟୁନ, ଚେତନ କୁମାର ବାସୁଦେବ, ମମତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ୩୨ ଟି ଦଳକୁ ନେଇ ନକଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ର ଫାଇନାଲ ମ୍ୟାଚରେ ଟିଟର୍ସ କଲୋନୀ ଟ୍ରାଇଡ୍‌ଟେକର ସୁଟ ରେ ଏନଏଣ୍ଡଏସସ ଲାଇଜ ଗୃହକୁ ପରାସ୍ତ କରି ଚମ୍ପିୟାନ ହେବା ସହ ଚମ୍ପିୟାନ ଟ୍ରଫି ସହ ୩୦ ହଜାର ନଗଦ ଅର୍ଥ ପୁରସ୍କାର ଲାଭ କରିଥିଲେ । ସେହିପରି ରନର୍ସ ଅପ୍ ଦଳ ଏନଜେଣ୍ଡଇଏସ ଦଳକୁ ରନର୍ସ ଅପ୍ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ତୃତୀୟ ଦଳ ଭାବେ କୁଜୁଡ଼ମୁଣ୍ଡା ଗ୍ରୁପ ଓ ଚତୁର୍ଥ ଦଳ ଭାବେ ଯୁଥ କ୍ଲବ ନାଜନ କୁ ସିଲ୍ଭର ପ୍ରଦାନ କରାଯାଇଥିଲା । ସେହିପରି ବରିଷ୍ଠ ବିଭାଗରେ ଜଳଦା ଦଳ ଫିଟନେସ କ୍ଲବ କୁ ୩-୦ ରେ ହରାଇ ସିଲ୍ଭ ଲାଭ କରିଥିଲା । ଶୁଭଶ୍ରୀ ଦାସ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ର ଉପାଧ୍ୟକ୍ଷ ତନ୍ମୟାରୁ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ମୃତି କମିଟି ର ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ ଙ୍କ ସଂଯୋଜନା ରେ ଆୟୋଜିତ ଏହି ମାଲ୍ୟାର୍ପଣ ଓ ସ୍ମୃତି ଚାରଣ ସଭା ରେ ରାଉରକେଲା ର ବରିଷ୍ଠ ଆଇନଜୀବୀ ସୁଜୟ କୁମାର ପାଣି, ସି ଆଇ ଟି ୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବିମାନ ମାଝି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ,ବରିଷ୍ଠ ଆଇନଜୀବୀ ଏମ୍ ମାଲେଶ୍ୱରମ, ସଦାନନ୍ଦ ସାହୁ, ବିସ୍ମୟ ଦାସ, ତନ୍ମୟମଣି ଦାଶ,ସୁଗତ ଆଚାର୍ଯ୍ୟ, ସନ୍ତୋଷ ବିଶ୍ୱାଳ, ଭାସ୍କର ବେହ ସହ ଅନ୍ୟମାନେ ସାମିଲ ଥିଲେ ।

ଶହୀଦ ଭଗତ ସିଂ ଙ୍କ ୯୪ ତମ ଶହୀଦ ଦିବସ ପାଳିତ

ଆଜିର ଯୁବ ଛାତ୍ର ସମାଜ ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ରାଉରକେଲା, ୨୩/୩ (ନି/ପ୍): ଭାରତର ସ୍ୱାଧୀନତା ଆନ୍ଦୋଳନର ମହାନ ସଂଗ୍ରାମୀ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁ ଙ୍କ ୯୪ ତମ ଶହୀଦ ଦିବସ ଆଜି ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍, ଭାରତର ଛାତ୍ର ଫେଡେରେସନ୍ ଓ ଶହୀଦ ଭଗତ ସିଂ ସ୍ମୃତି କମିଟି ପକ୍ଷରୁ ରାଉରକେଲା ଛେଣ୍ଡ କଲୋନୀ ସ୍ଥିତ ଶହୀଦ ଭଗତ ସିଂ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ ସଭା ମାଧ୍ୟମରେ ପାଳନ କରାଯାଇଛି । ଆଜି ସକାଳେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍ ର ଜିଲ୍ଲା ସଭାପତି ଆଇନଜୀବୀ ରାଜ କିଶୋର ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ର ଉପାଧ୍ୟକ୍ଷ ତନ୍ମୟାରୁ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ମୃତି କମିଟି ର ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ ଙ୍କ ସଂଯୋଜନା ରେ ଆୟୋଜିତ ଏହି ମାଲ୍ୟାର୍ପଣ ଓ ସ୍ମୃତି ଚାରଣ ସଭା ରେ ରାଉରକେଲା ର ବରିଷ୍ଠ ଆଇନଜୀବୀ ସୁଜୟ କୁମାର ପାଣି, ସି ଆଇ ଟି ୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବିମାନ ମାଝି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ,ବରିଷ୍ଠ ଆଇନଜୀବୀ ଏମ୍ ମାଲେଶ୍ୱରମ, ସଦାନନ୍ଦ ସାହୁ, ବିସ୍ମୟ ଦାସ, ତନ୍ମୟମଣି ଦାଶ,ସୁଗତ ଆଚାର୍ଯ୍ୟ, ସନ୍ତୋଷ ବିଶ୍ୱାଳ, ଭାସ୍କର ବେହ ସହ ଅନ୍ୟମାନେ ସାମିଲ ଥିଲେ ।

ଆରଏସପିରେ ବିଶ୍ୱ ଜଳ ଦିବସ ପାଳିତ

ରାଉରକେଲା, ୨୩/୩ (ନି/ପ୍):"ନିଜ ପାଇଁ ଏବଂ ଭବିଷ୍ୟ ପିଢୀଙ୍କ ପାଇଁ ଜଳ ସଂଚୟ ଓ ସଂରକ୍ଷଣ କରନ୍ତୁ ତଥା ସ୍ଥାୟିତ୍ୱର ନେତୃତ୍ୱ ନିଅନ୍ତୁ," ବୋଲି ଆର.ଏସ.ପି.ର ଡ଼ିଆଇସି, ଶ୍ରୀ ଅତନୁ ଭୌମିକଙ୍କ ଉଲ୍ଲେଖ "ନିଜ ପାଇଁ ଏବଂ ଭବିଷ୍ୟ ପିଢୀଙ୍କ ପାଇଁ ଜଳ ସଂଚୟ ଓ ସଂରକ୍ଷଣ କରନ୍ତୁ ତଥା ସ୍ଥାୟିତ୍ୱର ନେତୃତ୍ୱ ନିଅନ୍ତୁ,"ବୋଲି ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି.) ଆନୁକୂଲ୍ୟରେ ମାର୍ଚ୍ଚ ୨୨ ତାରିଖରେ ବିଶ୍ୱ ଜଳ ଦିବସ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆର.ଏସ.ପି. ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ଉଲ୍ଲେଖ କରିଛନ୍ତି । ଜଳ ପ୍ରବନ୍ଧନ ବିଭାଗ ଆନୁକୂଲ୍ୟରେ ଏବଆରଡ଼ି ସେଂଟରଠାରେ ଆୟୋଜିତ ଉକ୍ତ ଉତ୍ସବରେ କାର୍ଯ୍ୟ ବିଭାଗର ନିର୍ଦ୍ଦାହୀ ନିର୍ଦ୍ଦେଶକ, ଶ୍ରୀ ଏସ ଆର ସୂର୍ଯ୍ୟଦଂଶୀ, ସାମଗ୍ରୀ ପରିବାହନ ବିଭାଗର ନିର୍ଦ୍ଦାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ଦ୍ଦାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା ମଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ସିଜିଏମ, ବିଭାଗ ମୁଖ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ 'ଶାନ୍ତି ପାଇଁ ଜଳ' ଉପରେ ଆଲୋଚନା କରି ଶ୍ରୀ ଭୌମିକ ନଦୀ ଜଳ କିପରି ଭାବରେ ବିଭିନ୍ନ ରାଜ୍ୟ ଏବଂ ଦେଶ ମଧ୍ୟରେ ବିବାଦର ସୂତ୍ରପାତ କରୁଛି ସେ ବିଷୟରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ସୁରକ୍ଷିତ ପାନୀୟ ଜଳ କେବଳ ଏକ ସାମଗ୍ରୀ ନୁହେଁ ବରଂ ପୃଥିବୀରେ ଜନସ୍ୱାସ୍ଥ୍ୟ, ପରିମଳ ଏବଂ ମାନବ ଜୀବନର ସାମଗ୍ରିକ ସୁସ୍ଥତା ପାଇଁ ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର । ଏକ ଦାୟିତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଭାବରେ ଆରଏସପି ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉଲ୍ଲେଖ କରି ଡ଼ିଆଇସି ଜଳ ସଂରକ୍ଷଣ ଦିଗରେ ସମ୍ପନ୍ନ ପ୍ରତିବେଦନ ଦୋହରାଇବା ଏବଂ ସଂଗଠନରେ ଜଳ ନିପୁଣତାରେ ଆହୁରି ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜଳକୁ ଦାୟିତ୍ୱଶୀଳ ଭାବରେ ବ୍ୟବହାର କରିବା ଏବଂ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ପାଇଁ ଆଗ୍ରହର ହେବା ନିମନ୍ତେ ସାମୂହିକ ଦାୟିତ୍ୱର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରି ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ସୂର୍ଯ୍ୟଦଂଶୀ ଜଳ ସଂରକ୍ଷଣର ନିତାନ୍ତ ଆବଶ୍ୟକତା ବିଷୟରେ ମାନବଜାତି ମଧ୍ୟରେ ସଚେତନତା ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହାଦ୍ୱାରା ବୁଦ୍ଧିଜୀବୀ ଏବଂ ବୈଜ୍ଞାନିକଙ୍କ ଦ୍ୱାରା ଜଳ ଉପରେ ଯୁଦ୍ଧ ବିପଦର ପୂର୍ବାନୁମାନକୁ ଏବାର ଦିଆଯାଇପାରିବ । କିରୋ ଲିଣ୍ଟିଲ୍ ଡିସତାର୍ଜ ସିଷ୍ଟମ୍ ଏବଂ ଆରଏସପିରେ ନିୟୋଜିତ ଜଳ ଏବଂ ପ୍ରଭାବଶାଳୀ ଜଳ ବିଶୋଧନ ବ୍ୟବସ୍ଥା ଗୁଡିକର ଉଦାହରଣ ଦେଇ ଶ୍ରୀ ସୂର୍ଯ୍ୟଦଂଶୀ ଭବିଷ୍ୟତର ଜଳ ଆହ୍ୱାନର ସମାଧାନ ପାଇଁ ବିଜ୍ଞାନ ସମାଧାନ ଖୋଜିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ପାନୀୟ ଜଳର ଭ୍ରମବର୍ଦ୍ଧିଷ୍ଣୁ ଅଭାବ ବିଷୟରେ ଆଲୋଚନା କରି ଶ୍ରୀ ତ୍ରିପାଠୀ ଇସ୍ପାତ ଶିଳ୍ପରେ ବର୍ତମାନର ଜଳ ଭିତ୍ତିକ ଜ୍ଞାନକୌଶଳକୁ ପୁନଃସଂଗଠନ, ପ୍ରତିଫଳନ ଏବଂ ଦୃଢ଼ ଜ୍ଞାନକୌଶଳ ଅବଲମ୍ବନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଡକ୍ଟର ହୋତା ଭୂତଳ ଜଳସ୍ତର ହ୍ରାସର ଭୟବେଗଜନକ ଧାରା ପରିପ୍ରେକ୍ଷୀରେ ସମସ୍ତଙ୍କୁ ଜଳର ଯଥାର୍ଥ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ଜଳ ପ୍ରବନ୍ଧନ ବିଭାଗର ଏସ.ଓ.ଏସ.ଟି., ଶ୍ରୀ ଏସ ପଣ୍ଡାଙ୍କ ଦ୍ୱାରା ଦେବଶ୍ରୋତ୍ର ଆବୃତ୍ତି ମଧ୍ୟରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ବସ୍ତିବାସୀଙ୍କ ଓ୍ୱାଟକୋ ଡିଭିଜନ ଅଫିସ ଘେରାଉ

ଜଳଯୋଗାଣ ପାଇଁ ଦାବି

ରାଉରକେଲା, ୨୩/୩ (ନି/ପ୍) :ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ଗୋପବନ୍ଧୁ ପାଲ୍ଲୀ ର ଅମରନାଥ ବସ୍ତି ବାସୀଙ୍କ ତରଫରୁ ଆଜି ରାଉରକେଲା ଓ୍ୱାଟକୋ ଡିଭିଜନ ଅଫିସ ଘେରାଉ କରାଯାଇଥିଲା । ଉକ୍ତ ଅଂଚଳ ରେ ଓ୍ୱାଟକୋ ତରଫରୁ ଲକ